# ମା’ ମାଡ଼ରେ ଝିଅର ମୃତ୍ୟୁ !

ସୋର,୧୪।୨(ସମିସ): ସୋର କଲେଜ ଛକ ନିକଟରେ ଥିବା ଏକ ଘରୋଇ ଟ୍ୟୁଟୋରିଆଲର ମାଲିକାଣୀ ତାଙ୍କ ଝିଅକୁ ମାଡ଼ ମାରୁଥିବା ବେଳେ ଗୁରୁତର ହୋଇପଡ଼ିବାରୁ କଟକ ଡାକ୍ତରଖାନାକୁ ନେଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ଗତ କିଛି ଦିନ ପୂର୍ବେ ଝିଅର ଜଣେ ଯୁବକଙ୍କ ସହିତ ପ୍ରେମ ସଂପର୍କ ଥିବା ଜାଣିବା ପରେ ମହିଳା ଜଣଙ୍କ ବିରକ୍ତି ପ୍ରକାଶ କରି ଝିଅକୁ ତାଗିଦ କରିବା ସହିତ ଗାଳିଗୁଲଜ କରି ମାଡ଼ ମାରିଥିଲେ। ଏହି ମାଡ଼ରେ ତାଙ୍କ ଝିଅ ବାରମ୍ବାର ବେହୋସ ହେବା ସହିତ ଗୁରୁତର ହୋଇ ପଡ଼ିଥିଲେ। ଫଳରେ ତାଙ୍କ ମା’ ତାଙ୍କୁ ପ୍ରଥମେ ସୋର ଡାକ୍ତରଖାନା ପରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରୁ କଟକ ବଡ଼ ମେଡିକାଲକୁ ନେଇଥିଲେ। ସେଠାରେ ଝିଅର ମୃତ୍ୟୁ ହୋଇଯାଇଥିଲା। ଘଟଣାକୁ ଚାରିଦିନ ବିତିଯାଇଥିଲେ ମଧ୍ୟ ଝିଅର ଶବକୁ ଅନ୍ୟ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସନ୍ଧାନ ମିଳିନଥିବା ଜଣାପଡିଛି। ଅନ୍ୟପକ୍ଷେ ଉକ୍ତ ମହିଳା ଜଣଙ୍କ ଫେରାର ଥିବା ବେଳେ ତାଙ୍କ ଟ୍ୟୁଟୋରିଆଲ ଅନ୍ୟ ଜଣେ ଲୋକ ଚଳାଉଥିବା ଜଣାପଡ଼ିଛି।

# ବାଗୁଡ଼ି ଖାଦାନରେ ଲାଗିବ ନାକାବନ୍ଦୀ

ସୋର,୧୪।୨(ସମିସ): ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ଖଞ୍ଜାମହାଲ ପଥର ଖାଦାନରେ ପଥର ଚୋରିକୁ ରୋକିବା ପାଇଁ ବାଲେଶ୍ୱର ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ପୁଲିସ ପକ୍ଷରୁ ନାକାବନ୍ଦୀ କରାଯିବାକୁ ନେଇ ଆଜି କ୍ଷେତ୍ର ପରିଦର୍ଶନ କରିଛନ୍ତି ଖଣି ଅଧିକାରୀ ଓ ସ୍ଥାନୀୟ ପ୍ରଶାସନ। ଦୀର୍ଘ ତିନି ବର୍ଷରୁ ଅଧିକ ଦିନ ଧରି ଏହି ଖାଦାନ ବନ୍ଦ ପଡ଼ିଥିବା ବେଳେ ଏଠାରୁ ଦିନ ରାତି ସବୁ ସମୟରେ ପଥର ଚୋରା ଚାଲାଣ ହେଉଥିଲା। ଏଥିରେ ରୋକ ଲଗାଇବାକୁ ପ୍ରଶାସନ ପକ୍ଷରୁ ଗତ କିଛି ଦିନ ତଳେ ପଥର ଚାଲାଣର ରାସ୍ତା କଟାଯାଇଥିଲା। ମାତ୍ର ମାଫିଆ ମାନେ ବିକଳ୍ପ ପଥ ଆପଣାଇ ପଥର ଚୋରି କରୁଥିବା ବେଳେ ଆଜି ବାଲେଶ୍ୱର ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଖଣି ବିଭାଗ, ସ୍ଥାନୀୟ ତହସିଲ ପ୍ରଶାସନ ଓ ସୋର ପୁଲିସ ଏହି ଖାଦାନରେ ପହଞ୍ଚି ପୋଲିସ ପୋଷ୍ଟ ଲଗାଇବା ପାଇଁ ସ୍ଥାନ ନିରୁପଣ କରିଥିବା ଜଣାପଡ଼ିଛି। ଏହି ସମୟରେ ଖଣି ଅଧିକାରିଣୀ ସନ୍ତୋଷୀ ପ୍ରଭା ସେଠୀ, ଡିଏସପି ପ୍ରମୋଦ ମଲ୍ଲିକ, ଅତିରିକ୍ତ ତହସିଲଦାର ଦୈତାରୀ ମଲ୍ଲିକ ଓ ସୋର ପୁଲିସ ଉପସ୍ଥିତ ଥିଲେ।

● ଟଳିଲା ଜାଗା ମାଲିକାନା ବିବାଦ

# ଜବତ ଗାଡି ହସ୍ତାନ୍ତର କରିବେ କପ୍ତିପଦା ତହସିଲଦାର

ଖଇରା,୧୪।୨ (ସମିସ): ବାଲେଶ୍ୱର ଜିଲା ଖଇରା ତହସିଲ ଅଧୀନ ଶାରିଶୁଆ ପାହାଡ ନିକଟରେ ଛିଡାହୋଇଥିବା ଜେସିବି ମେସିନ ଓ ଡମ୍ପରକୁ ନିଜ ଅଞ୍ଚଳର ଦାବି କରି ଗୁରୁବାର ସକାଳେ ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ତହସିଲଦାର ୨ଡମ୍ପରକୁ ଜବତ କରି କପ୍ତିପଦା ନେଇ ପଳାଇଥିଲେ। ଶୁକ୍ରବାର ଖଣିର ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ ମଲ୍ଲିକଙ୍କ ଉପସ୍ଥିତିରେ ଜାଗା ମାଲିକାନା ଉପରେ ଜଏଣ୍ଟ ଭେରିଫିକେସନ କରାଯାଇଥିଲା। ଏଥିରେ କପ୍ତିପଦା ତହସିଲର ତହସିଲଦାର, ଶରତ ଥାନା ପୁଲିସ, ରାଜସ୍ୱ ଓ ଜଙ୍ଗଲ ବିଭାଗର ଅନ୍ୟାନ୍ୟ ଅଧିକାରୀ ଓ ବାଲେଶ୍ୱର ଜିଲା ଖଇରା ତହସିଲଦାର, ରାଜସ୍ୱ ଓ ଜଙ୍ଗଲ ବିଭାଗର ଅଧିକାରୀ ମାନେ ସାମିଲ ହୋଇଥିଲେ। ଶେଷରେ ମେସିନ ଛିଡା ହୋଇଥିବା ଜାଗା ବାଲେଶ୍ୱର ଜିଲାର ବୋଲି ଜଣା ପଡିବା ପରେ ତହସିଲଦାରଙ୍କ ଦ୍ୱାରା ଜବତ ଗାଡି ଖଣିର ଅତିରିକ୍ତ ନିର୍ଦ୍ଦେଶକଙ୍କୁ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦିଆଯିବା ସହ ଜେସିବିକୁ ମଧ୍ୟ ଖଣି ନିର୍ଦ୍ଦେଶକ ନିଜ ଅଧିନକୁ ନେଇ ଯାଇଥିବା ଜଣାପଡିଛି।

# ଚାନ୍ଦଗୋଛି ମଠରେ କୁମ୍ଭମେଳା



ଖଇରା,୧୪।୨ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧିନ ପ୍ରସିଦ୍ଧ ଚାନ୍ଦଗୋଛି ମଠରେ କୁମ୍ଭମେଳା ଓ ବାର୍ଷିକ ନାମଯଜ୍ଞ ଗୁରୁବାର ଦିବସ ବ୍ୟାପି ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ୩୦ହଜାରରୁ ଉର୍ଦ୍ଧ ଶ୍ରଦ୍ଧାଳୁ ଓ ଭକ୍ତ ମହନ୍ତ ଇଷ୍ଟବନ୍ଧୁ ବିଶ୍ୱରୂପ ମହାରାଜଙ୍କ ଦର୍ଶନ କରିବା ସହ ସାଧୁସନ୍ଥଙ୍କ ସାନିଧ୍ୟ ଲାଭ କରିଛନ୍ତି। ସକାଳେ କଳସ ଶୋଭାଯାତ୍ରା ପରେ ବିଭିନ୍ନ ସ୍ଥାନରୁ ଆସିଥିବା କୀର୍ତ୍ତନ ଦଳ ମାନଙ୍କ ଦ୍ୱାରା ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ସଂଧ୍ୟାରେ ଇଷ୍ଟବନ୍ଧୁ ମହାରାଜଙ୍କ ପୌରହିତ୍ୟରେ ଆୟୋଜିତ ଆଧ୍ୟାତ୍ମିକ ଆଲୋଚନାରେ ଭଦ୍ରକର ସୁନାମଧନ୍ୟ ପ୍ରବଚକ ସଂଗ୍ରାମ ଆଚାର୍ଯ୍ୟ,ସନ୍ଥ ତୁଳଶୀ ଦାସ ପ୍ରମୁଖ ଯୋଗଦେଇ ରାଧାକୃଷ୍ଣଙ୍କ ମହିମା ଉପରେ ବିସ୍ତୃତ ବର୍ଣ୍ଣନା କରିଥିଲେ। ମଠର ସେବକ ହରି ଗୋପାଳ ଠାକୁର, ଶ୍ୟାମସୁନ୍ଦର ଦାସ, ବୃନ୍ଦାବନ ଦାସ, ସ୍ୱରୂପ ଦାସ, ହରିହର ଦାସଙ୍କ ସମେତ ଚନ୍ଦଗୋଛି, ନୂଆସାହି ଓ ଝାଟିଆ ଗ୍ରାମବାସୀ ସହଯୋଗ କରିଥିଲେ। ପୂର୍ବତନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇ ରାଧାଗିରିଧାରୀଙ୍କ ପୂଜାର୍ଚ୍ଚନା କରିଥିଲେ।

# କବି କିଶୋରୀ କିଙ୍କର ଦାସଙ୍କ ପରଲୋକ

କମର୍ଦ୍ଦା,୧୪।୨(ସମିସ): କବି ତଥା ସୁସାହିତ୍ୟକ କିଶୋରୀ କିଙ୍କର ଦାସଙ୍କ ପରଲୋକ ଘଟିଛି। ଗତକାଲି ସନ୍ଧ୍ୟାରେ ନିକଟରେ ଆୟୋଜିତ ଏକ ସଂଘାଧିବେଶନରେ ଯୋଗ ଦେଇ ରାତ୍ରି ୧୦ଟାରେ ସେ ଘରକୁ ଫେରିଥିଲେ। ରାତି ୧୧ଟା ୪୫ରେ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ କମର୍ଦ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ସେଠାରୁ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନା ସ୍ଥାନାନ୍ତର ବାଟରେ ଶ୍ରୀ ଦାସଙ୍କ ମୃତ୍ୟୁ ଘଟିଥିଲା। ତାଙ୍କ ବିୟୋଗରେ ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ, କଂଗ୍ରେସ ନେତା ସତ୍ୟ ଶିବ ଦାସ ଶୋକ ବାର୍ତ୍ତା ପଠାଇଥିବା ବେଳେ ବିଜେପି ବିଧାୟକ ପ୍ରାର୍ଥୀ



ଆଶିଷ ପାତ୍ର, କମର୍ଦ୍ଦା। ପଞ୍ଚାୟତ ପ୍ରାକ୍ତନ ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ପାତ୍ର, ବ୍ଲକ ଅଧକ୍ଷ ପ୍ରବୀର କୁମାର ଗିରିଙ୍କ ସହ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀକ୍ଷକ ଡା. କମଳାକାନ୍ତ ଜେନା, କବି ସୁକୁମାର ଦାସ, ଅବସରପ୍ରାପ୍ତ ପ୍ରାଧ୍ୟାପକ ମନୀନ୍ଦ୍ର କୁମାର ଦାସ ମହାପାତ୍ର, ପ୍ରାକ୍ତନ ବ୍ଲକ ଉପାଧ୍ୟକ୍ଷ ରବୀନ୍ଦ୍ର ନାଥ ପ୍ରଧାନ, ବରିଷ୍ଠ ସାମ୍ବାଦିକ ସତ୍ୟବ୍ରତ ପ୍ରଧାନ ପ୍ରମୁଖ ଶେଷଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

# ବର୍ଷ ଆରମ୍ଭରୁ ଅଲିଭ ରିଡ୍‌ଲେଙ୍କ ଆଗମନ

ବାଲେଶ୍ୱର,୧୪।୨(ସମିସ)



ବର୍ଷ ଆରମ୍ଭରୁ ବାଲେଶ୍ୱରକୁ ଆସିସାରିଲେଣି ୭ ସାମୁଦ୍ରିକ କଇଁଛ ଅଲିଭ୍ ରିଡ଼ଲେ। ଅର୍ଥାତ୍ ଏହି ଜାନୁଆରୀ ଓ ଫେବୃଆରୀ ମାସର ବର୍ତ୍ତମାନ ସୁଦ୍ଧା ୭ ଅଲିଭ ରିଡ଼ଲେ କୂଳକୁ ଆସି ଅଣ୍ଡାଦାନ କରିସାରିଛନ୍ତି। ଏବର୍ଷ ଜାନୁଆରୀରେ ପ୍ରଥମେ ମାତ୍ର ଗୋଟିଏ ଅଲିଭ ରିଡ଼ଲେ ଚାନ୍ଦିପୁର ରେଞ୍ଜ ଅନ୍ତର୍ଗତ ଲଙ୍ଗଳେଶ୍ୱର ସେକ୍ସନ ଚଉମୁଖ ଠାରେ ୧୨୧ଟି ଅଣ୍ଡାଦାନ କରିଛି। ପରେ ଆଉ ୬ ଟି କଇଁଛ ଆସି ଅଣ୍ଡାଦାନ କରିଛନ୍ତି। ଏପର୍ଯ୍ୟନ୍ତ ସମୁଦାୟ ୭ଟି ଅଲିଭ ରିଡ଼ଲେ ୭୨୦ ଟି ଅଣ୍ଡାଦାନ କରିଛନ୍ତି। ତେବେ ସେମାନଙ୍କ ଅଣ୍ଡାର ସୁରକ୍ଷା ପାଇଁ ବନଖଣ୍ଡ ବିଭାଗର ପକ୍ଷରୁ ଉକ୍ତ ସ୍ଥାନମାନଙ୍କରେ ଅସ୍ଥାୟୀ କ୍ୟାମ୍ପ୍ ପ୍ରସ୍ତୁତ କରାଯାଇ କର୍ମଚାରୀ ରହିଛନ୍ତି। ଏଥିସହିତ ଅଣ୍ଡାଗୁଡିକୁ ନେଇ ସୁରକ୍ଷିତ ସ୍ଥାନରେ ରଖିଛନ୍ତି। ତେବେ ଅଲିଭ ରିଡ଼ଲେଙ୍କ ବାଲେଶ୍ୱର ଉପକୂଳ କିଛି ଭାଗ ସୁରକ୍ଷିତ ସ୍ଥାନ ପାଲଟିଛି ସତ ହେଲେ ଏମାନଙ୍କର ମୃତ୍ୟୁ ମଧ୍ୟ ଘଟୁଛି। ଅନେକ ସଚେତନତା ପରେ ବି ମୃତ୍ୟୁଶୂନ୍ୟ ହୋଇପାରୁନି।

ବାଲେଶ୍ୱର ଜିଲ୍ଲାର ବିଶେଷକରି ଚାନ୍ଦିପୁର ରେଞ୍ଜର ଚଉମୁଖ, ହସକରା ଓ ପରିଖି ବେଳାଭୂମି ଏବଂ ଜଳେଶ୍ୱର ରେଞ୍ଜର ଏନଏମ ପଡିଆ, ତାଳସାରି ଓ କୀର୍ତ୍ତନିଆ ବେଳାଭୂମିକୁ ପ୍ରତିବର୍ଷ ଅଲିଭ ରିଡ଼ଲେ ଅଣ୍ଡା ଦେବାକୁ ଆସନ୍ତି। ବିଶେଷକରି ଚଉମୁଖ, ଡଗରା, ତାଳସାରି ଓ ମୂରଲୀଛଡା ସମୁଦ୍ର କୂଳକୁ ଅଧିକ ପରିମାଣରେ ସାମୁଦ୍ରିକ କଇଁଛ ଅଲିଭ୍ ରିଡ଼ଲେ ଆସି ଅଣ୍ଡା ଦେଇଥାନ୍ତି। ପ୍ରତିବର୍ଷ ନଭେମ୍ବର ମାସରୁ ମେ ମାସ ପର୍ଯ୍ୟନ୍ତ ଅଲିଭ୍ ରିଡ଼ଲେ କଇଁଛଙ୍କ କୂଳକୁ ଆସିବା ସମୟ। ଏହି ସମୟ ଭିତରେ ଅଲିଭ ରିଡ଼ଲେ କୂଳକୁ ଆସି ଅଣ୍ଡାଦାନ କରିଥାନ୍ତି। ଅଲିଭ ରିଡ଼ଲେଙ୍କ ପାଇଁ ବାଲେଶ୍ୱର ଜିଲ୍ଲା ଉପକୂଳ ଏକ ଉପଯୁକ୍ତ ସ୍ଥାନ ପାଲଟିଯାଇଛି। ଏବର୍ଷ ଜାନୁଆରୀ ମାସରୁ ଆରମ୍ଭ ହୋଇଛି ଅଲିଭ ରିଡ଼ଲେଙ୍କ ଆଗମନ। ବର୍ତ୍ତମାନ ସୁଦ୍ଧା ୭ ଅଲିଭ ରିଡ଼ଲେ ଆସି ୭୨୦ ଅଣ୍ଡାଦାନ କରିଛି। ଡଗରା ବିଟ୍ କୁ ୩ ଟି ଏବଂ ଚଉମୁଖ ବିଟ୍‌କୁ ୪ଟି ଅଲିଭ ରିଡ଼ଲେ ଆସିଛନ୍ତି। ୨୦୧୮-୧୯ ମସିହାରେ ଜଳେଶ୍ୱରକୁ ୨ଟି କଇଁଛ ଆସି ୨୧୧ଟି ଅଣ୍ଡା କରିଥିଲେ। ୨୦୧୯-୨୦ ରେ ଚାନ୍ଦିପୁରକୁ ୪ଟି କଇଁଛ ଆସି ୨୨୨ଟି ଅଣ୍ଡା ଦେଇଥିବା ବେଳେ ଜଳେଶ୍ୱର

**ଏଯାବତ୍ ୭ ସାମୁଦ୍ରିକ କଇଁଛଙ୍କ ୭୨୦ ଅଣ୍ଡାଦାନ**

ରେଞ୍ଜରେ ୨ଟି କଇଁଛ ୧୫୯ଟି ଅଣ୍ଡାଦାନ କରିଥିଲେ। ୨୦୨୦-୨୦୨୧ ରେ ବାଲେଶ୍ୱର ଉପକୂଳକୁ ମାତ୍ର ୨ ଟି ଅଲିଭ ରିଡ଼ଲେ କଇଁଛ ଆସି ୩୦୫ଟି ଅଣ୍ଡାଦାନ କରିଥିଲେ। ସେହିପରି ୨୦୨୧-୨୦୨୨ରେ ୧୧ ଟି କଇଁଛ ୯୧୬ ଟି ଅଣ୍ଡା ଦେଇଥିଲା। ୨୦୨୨-୨୦୨୩ ରେ ୧୯ ଟି କଇଁଛ ୧୫୬୪ ଟି ଅଣ୍ଡାଦାନ କରିଥିବା ବେଳେ ୨୦୨୩-୨୦୨୪ ରେ ୭୧ ଟି ଅଲିଭ ରିଡ଼ଲେ ୫ ହଜାର ୪୬୩ ଟି ଅଣ୍ଡାଦାନ କରିଛନ୍ତି। ଚଳିତବର୍ଷ ୨୦୨୪-୨୫ ବର୍ଷରେ ବର୍ତ୍ତମାନ ସୁଦ୍ଧା ୭ ଟି ଅଲିଭ ରିଡ଼ଲେ ଆସି ଅଣ୍ଡାଦାନ କରିଛନ୍ତି। ତେବେ ସବୁଠୁ ବଡ଼ କଥା ହେଲା ଅଲିଭ ରିଡ଼ଲେ ଆଗମନ ସମୟ ପୂର୍ବରୁ ପ୍ରତିବର୍ଷ ବନ ବିଭାଗ ପକ୍ଷରୁ ସମନ୍ୱୟ ବୈଠକ ଅନୁଷ୍ଠିତ ବସିଥାଏ। ଯେଉଁଥିରେ ଏମାନଙ୍କ ସୁରକ୍ଷା ଓ ମୃତ୍ୟୁର କାରଣ ବାବଦରେ ମଧ୍ୟ ଆଲୋଚନା କରାଯାଇଥାଏ।

ସୂଚନାଯୋଗ୍ୟ, ୨୦୨୧ ନଭେମ୍ବର ମାସରୁ ୨୦୨୨ ମାର୍ଚ୍ଚ ମାସ ଭିତରେ ୪୦ ଟି କଇଁଛ ମରିଥିବା ନେଇ ବନଖଣ୍ଡ ବିଭାଗ ପକ୍ଷରୁ ସୂଚନା ମିଳିଥିଲା। ପରେ ମୃତ୍ୟୁର କାରଣ ପାଇଁ ଶବ ବ୍ୟବଚ୍ଛେଦ ମଧ୍ୟ କରାଯାଇଥିଲା। ହେଲେ ଏହାର କିଛି କାରଣ ଏପର୍ଯ୍ୟନ୍ତ ମିଳିପାରିଲା ନାହିଁ। ତେବେ ଏହା ପରେ ଅଲିଭ୍ ରିଡଲେଙ୍କ ମୃତ୍ୟୁସଂଖ୍ୟା କେତେ ସେନେଇ ବିଭାଗ ପାଖରେ ରିପୋର୍ଟ ହୋଇନାହିଁ। ଏବେ ମଧ୍ୟ ବିଭାଗ ପାଖରେ କିଛି ତଥ୍ୟ ନାହିଁ। ଅର୍ଥାତ୍ ଅଲିଭ ରିଡ଼ଲେ ମୃତ୍ୟୁ ନେଇ ଯୁଡି କେସ୍ ତ ହେଉଛି ହେଲେ ମୃତ୍ୟୁସଂଖ୍ୟା କେତେ ସେନେଇ ତଥ୍ୟ ନାହିଁ ବୋଲି ଜଣାପଡିଛି। କଇଁଛଙ୍କ ସୁରକ୍ଷା ପାଇଁ ଗଭୀର ସମୁଦ୍ରରେ କଡ଼ାକଡ଼ି ପାଟ୍ରୋଲିଂ ଓ କାର୍ଯ୍ୟାନୁଷ୍ଠାନ ହେବା ଉଚିତ ବୋଲି ଦାବି ହୋଇଛି।

# ବେସରକାରୀ ଅଧ୍ୟାପକ ଏବଂ କର୍ମଚାରୀ ସଂଘ ତରଫରୁ ଦାବିପତ୍ର



ସୋର, ୧୪।୨(ସମିସ): ଆଜି ଓଡିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଙ୍ଘ ଓ ଏସଏନଏଲଇଏର ସଭାପତି ବିଶ୍ୱରଂଜନ ଦାସଙ୍କ ନିର୍ଦ୍ଦେଶରେ ସଂଘ ତରଫରୁ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ, ବାଲେଶ୍ୱରଙ୍କ ଜରିଆରେ ଉଚ୍ଚଶିକ୍ଷା ବିଭାଗ ପ୍ରମୁଖ ସଚିବଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ୨୦୦୮ ମସିହା ଜୁନ ୧ରୁ ୨୦୧୮ ମସିହା ଜୁନ ୧ ତାରିଖ ମଧ୍ୟରେ ରାଜ୍ୟର ବିଭିନ୍ନ ଅଣ ଅନୁଦାନ ଓ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ନିଯୁକ୍ତ ଅଧ୍ୟାପକ ଓ କର୍ମଚାରୀଙ୍କୁ ସରକାରୀ ଅନୁଦାନ ପ୍ରଦାନ ସହ ନୂତନ ଅନୁଦାନ ନୀତି ପ୍ରଣୟନ ଦାବିରେ ଏହି ଅଭିଯାନ ଚାଲିଛି। ଅଧ୍ୟାପକ ଓ କର୍ମଚାରୀମାନେ ଅଭିଯୋଗ କରିଛନ୍ତି, ୨୦୦୮ ମସିହାରୁ ଅଦ୍ୟାବଧି ଆମ୍ଭେ ବିନା ସରକାରୀ ଅନୁଦାନରେ ଅଧ୍ୟାପନା, ପରୀକ୍ଷା, ନିର୍ବାଚନ ଏବଂ ଅନେକ ଆନୁସଙ୍ଗିକ କାର୍ଯ୍ୟ ସମ୍ପାଦନ କରିଆସୁଛୁ। ବର୍ତ୍ତମାନର ଉଚ୍ଚ ଶିକ୍ଷାମନ୍ତ୍ରୀ, ଉଚ୍ଚଶିକ୍ଷା ସଚିବ ଠାରୁ ଆରମ୍ଭକରି ରାଜ୍ୟର ସର୍ବୋଚ୍ଚ ନେତା ମୁଖ୍ୟମନ୍ତ୍ରୀଙ୍କୁ ଗତ ତା ୨୧/୦୧/୨୦୨୫ ରିଖରେ ଦେଢ଼ ଲକ୍ଷ ସାଧାରଣ ଲୋକଙ୍କ ଦସ୍ତଖତ ସମ୍ବଳିତ ଏକ ଦସ୍ତାବିଜ ପ୍ରଦାନ କରାଯାଇଥିଲା ଓ ୨୨ ରେ ଏହା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା। ସତର କେଜିର ଏହି ଦସ୍ତଖତ ସମ୍ବଳିତ ଦସ୍ତାବିଜ ଦେଲା ପରେ ମଧ୍ୟ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଶୁନ। ଏଣୁ ସଂଘ ବାରମ୍ବାର ଦାବି ଓ ନିବେଦନ ଜଣାଇବା ସତ୍ତ୍ୱେ ନବ ନିର୍ବାଚିତ ସରକାରଙ୍କୁ ୬ ମାସ ବିତିଯାଇଥିଲେ ମଧ୍ୟ ଆମର ଦାବିପ୍ରତି ସରକାରଙ୍କ ଉଦାସୀନ ମନୋଭାବ ଆମକୁ ମର୍ମାହତ କରିଛି । ସରକାର ସାଧାରଣ ଲୋକଙ୍କ ଦସ୍ତଖତକୁ ହେୟ ମନେ କରି କୌଣସି ତତ୍ପରତା ନ ଦେଖେଇବାକୁ ଏବେ ସାରା ରାଜ୍ୟର ୩୧୪ ବ୍ଲକ ରେ ଜାରି ରହିଛି “ମତ ଓ ମନ୍ତବ୍ୟ” ଏହା ମଧ୍ୟମରେ ଆମେ ଦେଢ଼ କୋଟି ଜନତା ଙ୍କ ପାଖକୁ ଯିବୁ ଓ ସରକାରଙ୍କର ଶିକ୍ଷକ ମାରଣ ନୀତି ବିରୋଧରେ ସ୍ୱର ଉତ୍ତୋଳନ କରିବୁ। ଆମର ଏକମାତ୍ର ଦାବି ବିଷୟରେ ପୁନଃ ଅବଗତ କରାଇବା ସହିତ ଦାବି ପୁରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନକୁ ପଞ୍ଚାୟତ ଓ ଗାଁକୁ ନେଇ ଆହୁରି ତୀବ୍ର କରିବାକୁ ସଂଘର ସଭାପତି ବିଶ୍ୱରଞ୍ଜନ ଦାସ ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି । କାର୍ଯ୍ୟକ୍ରମରେ ସଂଘର ରାଜ୍ୟ ସଂପାଦକ ପ୍ରିୟବ୍ରତ ମହାପାତ୍ର, ଭଦ୍ରକ ଜିଲ୍ଲାର ଜିଲ୍ଲା ସଂଯୋଜକ ସୌମେନ୍ଦ୍ର ମିର୍ଦ୍ଧା, ବାଲେଶ୍?ରର ଜିଲ୍ଲା ସଂଯୋଜକ ରଞ୍ଜନ ପଣ୍ଡା, ଭୋଗରାଇ ଖଣ୍ଡ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ମିଶ୍ର, କଲେଜ ସଂଯୋଜକ ବିଦ୍ୟାନ୍ତି ନାୟକ, ପ୍ରଫୁଲ୍ଲ ପାତ୍ର, ମାନସ ରଞ୍ଜନ ବେହେରାଙ୍କ ସମେତ ଚାରୋଟି ଜିଲ୍ଲାର ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ଆକ୍ରମଣ ଏବଂ ଲୁଟ୍ ଘଟଣାରେ ୪ ଗିରଫ

ସୋର, ୧୪।୨(ସମିସ): ସୋର ଥାନା କୁରୁଣିଆ ବେହେରା ସାହି ଛକରେ ଗୋରୁ ଗାଡି ସନ୍ଦେହରେ ଏକ ଗାଡିକୁ ଅଟକାଇ ଯୁବକଙ୍କୁ ସଙ୍ଘବଦ୍ଧ ଆକ୍ରମଣ କରିଥିବା ଘଟଣାରେ ସୋର ପୁଲିସ ଚାରି ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୋଗ ଅନୁସାରେ ସୋର ଥାନା ଜଗନ୍ନାଥପୁର ଗ୍ରାମର ତାପସ ମହାପାତ୍ର ଏକ ପିକଅପ ଗାଡ଼ିରେ ଜଗନ୍ନାଥପୁର ଗ୍ରାମରୁ ଆସବାବପତ୍ର ବୋଝେଇ କରି ଖଇରା ଥାନା ରାଇଗଡ଼ିଆ ଗ୍ରାମକୁ ଯାଇଥିଲେ। ସେଠାରୁ ମାଲ ଅନଲୋଡ଼ କରି ଫେରୁଥିବା ବେଳେ ମଧୁସୂଦନପୁର ପଞ୍ଚାୟତ କୁରୁଣିଆ ବେହେରା ସାହି ନିକଟରେ ଚାରୋଟି ବାଇକରେ ୮ ଜଣ ଆସି ଗାଡିକୁ ଅଟକାଇବା ସହିତ ସେଥିରେ ବେଆଇନ ଗୋରୁ ଚାଲାଣ ହେଉଥିବା ଅଭିଯୋଗ କରି ଗାଡି କାଚକୁ ଭାଙ୍ଗିଥିଲେ। ପରେ ଏହାର ଚାଳକ କମଳାକାନ୍ତ ମଳିକ ଏବଂ ଖଲାସି ରାଜେନ୍ଦ୍ର ମଳିକକୁ ଅତର୍କିତ ଭାବରେ ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଖବରପାଇ ଆଗରେ ବାଇକରେ ଯାଉଥିବା ତାପସ ସେଠାରେ ପହଞ୍ଚି ବୁଝାସୁଝା କରୁଥିବା ବେଳେ ସେମାନେ ତାଙ୍କୁ ଭୁଜାଲି, ଖଣ୍ଡା, କାଠ ବାଟମରେ ଅତର୍କିତ ଭାବେ ଆକ୍ରମଣ କରି ତାଙ୍କ ନିକଟରେ ଥିବା ୪୦ ହଜାର ଟଙ୍କା, ଦାମୀ ମୋବାଇଲ ଏବଂ ଗାଡିଟିକୁ ସେଠାରୁ ନେଇ ପଳାଇ ଯାଇଥିଲେ। ଫଳରେ ୩ ଜଣ ଯାକ ଜୀବନ ବିକଳରେ ସେଠାରୁ ଖସି ଆସି ସୋର ମେଡିକାଲରେ ଚିକିତ୍ସିତ ହୋଇଥିଲେ। ଖବରପାଇ ସୋର ପୁଲିସ ଗତକାଲି ରାତିରେ ଘଟଣାସ୍ଥଳରେ ପହଞ୍ଚି ଆଠ ଜଣଙ୍କୁ ଥାନାକୁ ଉଠାଇ ଆଣିଥିଲା। ଆଜି ମଧ୍ୟାହ୍ନରେ ତାପସ ଏ ବାବଦରେ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ୧୩୯/୨୫ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ପରେ ପୁଲିସ ଥାନାରେ ଅଟକ ଥିବା ଗଣ୍ଡୁଆ ଗ୍ରାମର ଲକ୍ଷ୍ମୀକାନ୍ତ ପଣ୍ଡା (୨୧), ମଧୁସୂଦନପୁର ଗ୍ରାମର ସମୀର ସାହୁ (୨୦), ମନରଞ୍ଜନ ବାରିକ (୧୯) ଏବଂ କୁରୁଣିଆ ଗ୍ରାମର ପ୍ରହଲ୍ଲାଦ ଗାହାଣ (୨୧)ଙ୍କୁ ପୁଲିସ ଗିରଫ କରିଥିଲା। ସନ୍ଧ୍ୟାରେ ସୋର ଡାକ୍ତରଖାନାରେ ସମସ୍ତଙ୍କ ଡାକ୍ତରୀ ମାଇନା ପରେ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏଥିରେ ସମ୍ପୃକ୍ତ ଥିବା ଚାରି ଜଣ ନାବାଳକଙ୍କୁ ପୁଲିସ ଥାନାରେ ଅଟକ ରଖି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି।

# ପୁଲୱାମା ସହିଦ୍ ବୀର ଯବାନଙ୍କୁ ଶ୍ରଦ୍ଧାଞ୍ଜଳି




ସୋର,୧୪।୨(ସମିସ): ସ୍ୱାମୀ ବିବେକାନନ୍ଦ ଯୁବକ ସଂଘ ପକ୍ଷରୁ ଯୁବକ ସଂଘ କାର୍ଯ୍ୟାଳୟରେ ପୁଲୱାମା ଆତଙ୍କି ଆକ୍ରମଣରେ ସହିଦ୍ ହୋଇଥିବା ବୀର ଯବାନ ମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଆଗାମୀ ଦିନରେ ଦେଶ ମାତୃକାର ସେବା କରିବା ପାଇଁ ଯୁବପିଢିଙ୍କୁ ଆହ୍ୱାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଯୁବକ ସଂଘର ସମ୍ପାଦକ ସରୋଜ କୁମାର ବିଶ୍ୱାଳ, କୋଷାଧ୍ୟକ୍ଷ ବିଶ୍ୱରଂଜନ ସାହୁ, ପ୍ରଭୁଜ୍ୟୋତି ମହାନ୍ତି, ସ୍ଲୋଗାନ ଦାସ, ଜିତେନ୍ଦ୍ର ବେହେରା, ପରେଶ ବେହେରା, ଦିବ୍ୟଜ୍ୟୋତି ବାରିକ, ଭଗ୍ୟଶ୍ରୀ ସାହୁ, ଅନନ୍ୟା ସାହୁ , ରୋଜାଲିନ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ଦୋକାନ ଜାଳିଦେଲେ ଦୁର୍ବୃତ୍ତ



ଖଇରା,୧୪।୨ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ସିମୁଳିଆ ଥାନା ଗରସଙ୍ଗ ପଞ୍ଚାୟତ ଅଧୀନ କୃଷ୍ଣପୁର ଗ୍ରାମର ମଧୁସୁଦନ ପଣ୍ଡାଙ୍କ ଦୋକାନ ଘରକୁ କେହି ଦୁର୍ବୃତ୍ତ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିବା ନେଇ ସିମୁଳିଆ ଥାନାରେ ଶୁକ୍ରବାର ଅଭିଯୋଗ ହୋଇଛି। ଏସଆଇ ସରୋଜ କୁମାର ଦାସ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଅଭିଯୋଗ ଅନୁଯାୟୀ ତାଙ୍କର ଅନ୍ତରା ଷ୍ଟେଟ ବ୍ୟାଙ୍କ ନିକଟରେ ଏକ ଭେରାଇଟି ଷ୍ଟୋର ଥିଲା। ସେ ଓ ତାଙ୍କ ସ୍ତ୍ରୀ ଅନିତା ଦୋକାନ ଚଳାଇ ପରିବାର ପୋଷଣ କରୁଥିଲେ। ହେଲେ କେହି ଦୁର୍ବୃତ୍ତ ପ୍ରଥମେ ଜୁଲାଇ ୨୩ ତାରିଖରେ ଏବଂ ପୁନର୍ବାର ଗୁରୁବାର ରାତିରେ ନିଆଁ ଲଗାଇ ଦୋକାନକୁ ପୋଡି ଦେଇଛନ୍ତି। ପାଖ ଦୋକାନ ସିସିଟିଭି ଫୁଟେଜରୁ ୨ଜଣ ଲୋକ ପେଟ୍ରୋଲ ଢାଳି ପୋଡୁଥିବା ଦୃଶ୍ୟ ଦେଖାଯାଉଥିଲେ ହେଁ ସହଜରେ ଚିହ୍ନି ହେଉଥିବା ଉଲ୍ଲେଖ କରିଛନ୍ତି। ଦୋକାନରେ ମହଜୁଦ ଥିବା ଫ୍ରିଜ, ଫ୍ୟାନ, ଇନଭର୍ଟର ସମେତ ଦେଢଲକ୍ଷରୁ ଉର୍ଦ୍ଧ ଟଙ୍କାର ଜିନିଷପତ୍ର ପୋଡି ପାଉଁଶ ହୋଇ ଯାଇଛି। ଏବେ ପରିବାର ଚଳାଇବା ମୁସ୍କିଲ ହୋଇପଡିଥିବା ବେଳେ ତାଙ୍କୁ ନ୍ୟାୟ ପ୍ରଦାନ କରିବାକୁ ଦମ୍ପତି ନିବେଦନ କରିଛନ୍ତି।

# ନହଙ୍ଗ ଉଚ୍ଚ ମାଧ୍ୟମିକ ମହିଳା ବିଦ୍ୟାଳୟର ବାର୍ଷିକୋତ୍ସବ

ଖଇରା,୧୪।୨ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ନହଙ୍ଗସ୍ଥିତ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ମହିଳା ବିଦ୍ୟାଳୟରେ ୩ ଦିନ ଧରି ଚାଲିଥିବା ପ୍ରତିଯୋଗିତା ଓ ବାର୍ଷିକୋତ୍ସବ ଦିବସ ବ୍ୟାପି ଅନୁଷ୍ଠିତ ହୋଇ ଯାଇଛି। ଅଧ୍ୟକ୍ଷା ଅନିତାରାଣୀ ନାୟକଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ଅଧ୍ୟାପିକା ଜ୍ୟୋସ୍ନାବାଳା ଦାସ, ଅଳକାନନ୍ଦା ସାହୁ, ସୁଲୋଚନା ଦାସ ଓ କ୍ରୀଷ୍ଣାରାଣୀ ଖଟୁଆ, ଅଧ୍ୟାପକ ଅର୍ଜୁନ ଚରଣ ଲେଙ୍କା, ବସନ୍ତ କୁମାର ସୂତାର ଓ ବିଷ୍ଣୁପଦ ରାଉଳ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନକାରୀ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।




# ବିହାର ବସ୍ ଦୁର୍ଘଟଣାରେ ଆହତ ତୀର୍ଥଯାତ୍ରୀଙ୍କ ମୃତ୍ୟୁ

ଚନ୍ଦନେଶ୍ୱର,୧୪।୨(ସମିସ)

ବିହାର-ଉତ୍ତର ପ୍ରଦେଶ ସୀମାନ୍ତ କୈମୁର ଠାରେ ହୋଇଥିବା ତୀର୍ଥଯାତ୍ରୀ ବସ୍ ଦୁର୍ଘଟଣାରେ ୩ ଗୁରୁତର ଆହତ ମାନଙ୍କ ମଧ୍ୟରୁ ଗତକାଲି ରାତିରେ ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତକଜଣକ ହେଲେ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଜଗନ୍ନାଥପୁର ପଞ୍ଚାୟତ ନୂଆବଣିସରିସା ଗ୍ରାମର ସୁବାସ ବେହେରା। ଦୁର୍ଘଟଣା ପରେ ତାଙ୍କୁ ବନାରସ ହସ୍ପିଟାଲରେ ଭର୍ତ୍ତି କରାଯାଇ ଥିଲା ବେଳେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ସୂଚନାଯୋଗ୍ୟ ଯେ ଭୋଗରାଇରୁ କୁମ୍ଭ ମେଳା ଯାଉଥିବା ଶ୍ରୀରାମଜୀ ଏକ ଘରୋଇ ତୀର୍ଥଯାତ୍ରୀ ବସ ବିହାର -ଉତ୍ତରପ୍ରଦେଶ ସୀମାନ୍ତ ମୋହନିଆଠାରେ ଗତ ବୁଧବାର ବିଳମ୍ବିତ ରାତିରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ବସ୍ ଡ୍ରାଇଭର ଆଖି ଲାଗିଯିବାରୁ ସେଠାରେ ଅଟକି ଥିବା ଏକ ଟ୍ରେଲରକୁ ପଛ ପଟୁ ଧକ୍କା ଦେବା ଫଳରେ ବସରେ ଥିବା ଯାତ୍ରୀମାନଙ୍କ ମଧ୍ୟରୁ ୩୫ ଜଣ ଆହତ ହୋଇଥିଲା ବେଳେ ସେମାନଙ୍କ ମଧ୍ୟରୁ ୩ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିଲା। ଗତକାଲି ରାତିରେ ବାରଣାସୀ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ସୁବାସ ବେହେରାଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ସୁବାସଙ୍କ ମରଶରୀରକୁ ଭୋଗରାଇରେ ପହଞ୍ଚାଇବା ପାଇଁ ସୁବ୍ୟବସ୍ଥା କରିବା ସହିତ ମୃତକଙ୍କ ପରିବାରକୁ ସରକାରୀ ସହାୟତା ପ୍ରଦାନ ଏବଂ ଦୁର୍ଘଟଣାରେ ଆହତ ହୋଇ ଚିକିତ୍ସାଧିନ ଥିବା ସମସ୍ତ ଯାତ୍ରୀ ମାନଙ୍କ ଚିକିତ୍ସା ଖର୍ଚ୍ଚ ଯୋଗାଇ ଦେବାକୁ ରାଜ୍ୟ ସରକାରଙ୍କଠାରେ ଦାବି କରିଛନ୍ତି। ସେହିପରି ଭୋଗରାଇ ବିଜେପି ନେତା ଅଂଶୁମାନ ମହାନ୍ତି, ଆଶିଷ ପାତ୍ର ମଧ୍ୟ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କୁ ଅନୁରୂପ ଦାବି କରିବା ପରେ ସାଂସଦ ଶ୍ରୀ ଷଡ଼ଙ୍ଗୀ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଏନେଇ ଆଲୋଚନା କରିଥିବା ଜଣାପଡ଼ିଛି।

# ପୁଲୱାମା ସହିଦଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲା ଓୟୁଜେ



ବାଲେଶ୍ୱର,୧୪।୨(ସମିସ): ଦେଶକୁ ଶତ୍ରୁ କବଳରୁ ରକ୍ଷା କରିବା ପାଇଁ ସହିଦ ହୋଇଥିବା ବୀର ଯବାନଙ୍କୁ ଦେଶବାସୀ କେବେ ବି ଭୁଲି ପାରିବେ ନାହିଁ। ବର୍ତ୍ତମାନ ଯୁବ ସମାଜ ପାଇଁ ଏହା ପ୍ରେରଣା ଯୋଗାଇବ। ଆଜି ଓଡ଼ିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ପୁଲୱାମା ସ୍ମୃତି ଦିବସ ସହିଦ ପାର୍କରେ ପାଳିତ ହୋଇଯାଇଛି। କାଉନସିଲର ଏସ୍ କେ ଆୟୁବ ଅତିଥି ଭାବେ ଯୋଗଦେଇ ୨୦୧୯ ମସିହାରେ ଜମ୍ମୁ କାଶ୍ମୀରର ପୁଲୱାମା ଜିଲ୍ଲାରେ ଜମ୍ମୁ ଶ୍ରୀନଗର ରାଜପଥରେ ଆତଙ୍କବାଦୀଙ୍କ ବିସ୍ଫୋରକ ସାମଗ୍ରୀ ଭର୍ତ୍ତି ଗାଡ଼ି ଧକ୍କାରେ ସିଆରପିଏଫ୍ ଯବାନଙ୍କ ଯାଉଥିବା ଗାଡ଼ି ଧ୍ୱସ୍ତ ବିଧ୍ୱସ୍ତ ହୋଇଯାଇଥିଲା। ଦେଶ ପ୍ରେମ ଜାଗ୍ରତ କରିବା, ବାହ୍ୟ ଶତ୍ରୁକୁ ପ୍ରତିହତ କରିବା ପାଇଁ ଜନ ଜାଗରଣ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଓଡ଼ିଶା ସାମ୍ବାଦିକ ୟୁନିଅନ ପକ୍ଷରୁ କରାଯାଇଥିବା ଏହି କାର୍ଯ୍ୟକ୍ରମକୁ ସେ ପ୍ରଶଂସା କରିଥିଲେ। ୟୁନିଅନ ସଭାପତି ଗଙ୍ଗାଧର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସ୍ମୃତି ଦିବସ ପାଳନରେ ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ରାମନାରାୟଣ ଶତପଥୀ, ବରିଷ୍ଠ ସଦସ୍ୟ ଅଜିତ କୁମାର ମହାନ୍ତି, ସୁରେଶ ଚନ୍ଦ୍ର ଦାସ, ଲକ୍ଷ୍ମୀଧର ଗାଥାଣି, ତ୍ରିପିକାନ୍ତ ପାଢ଼ୀ, ହାଇଦର ଖାନ, ସେକ ନଜିମ, ଯୋଗନାଥ ସାହୁ, ଚିରଂଜନ ନାୟକ, ସେକ ଅଜୀମ ବାଲେଶ୍ୱରୀ, ମହେଶ୍ୱର ପ୍ରଧାନ, କହ୍ନେଇ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

**୯୭ ପ୍ରକଳ୍ପ ପାଇଁ ମୁକ୍ତା ଯୋଜନାରେ ଆସିଥିଲା ୯ କୋଟି**

# ୪୭ଟିର କାମ ଶେଷ, ୫୦ ପ୍ରକଳ୍ପ ଅଧାପନ୍ତରିଆ

ବାଲେଶ୍ୱର,୧୪।୨(ସମିସ)

ମୁକ୍ତା ଯୋଜନାରେ ଗତ ୨୦୨୩-୨୪ଆର୍ଥିକ ବର୍ଷରେ ନଗର ଉନ୍ନୟନ ବିଭାଗଠାରୁ ବାଲେଶ୍ୱର ପୌରପାଳିକାର ୩୧ଟି ୱାର୍ଡରେ ୯୭ଟି ପ୍ରକଳ୍ପ ନିର୍ମାଣ କରିବା ପାଇଁ ୯କୋଟି ଟଙ୍କା ଆସିଥିଲା। ମୁକ୍ତା ଯୋଜନାରେ ଆସିଥିବା ଏହି ଟଙ୍କାରୁ ବାଲେଶ୍ୱର ପୌରପାଳିକା ୩କୋଟି ଟଙ୍କା ଭିନ୍ନ ଏକ କୌଣସି ନିର୍ମାଣ କାର୍ଯ୍ୟରେ ଖର୍ଚ୍ଚ କରିଦେଇ ଥିବା ଯୋଗୁଁ ଯୋଜନାର ୯୭ଟି ପ୍ରକଳ୍ପରୁ ୪୭ଟି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେଇଛି। ପରବର୍ତ୍ତୀ ସମୟରେ ମୁକ୍ତା ଯୋଜନାରେ ଟଙ୍କା ନ ଆସିବାରୁ ବକେୟା ୫୦ଟି ପ୍ରକଳ୍ପ ମଧ୍ୟରୁ କିଛି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ପଡିଛି। ଏହି ଅଧାପନ୍ତରିଆ ପ୍ରକଳ୍ପ ଗୁଡିକର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ମୁକ୍ତା ଯୋଜନାରେ ସରକାର ଆଉ ଟଙ୍କା ମଞ୍ଜୁର କରିବେକି ନାହିଁ, ଏ ନେଇ ପୌରାଞ୍ଚଳ ଜନ ସାଧାରଣରେ ବିଭିନ୍ନ ପ୍ରକାର ଚର୍ଚ୍ଚା ହେଉଛି।

ଗତ ୨୦୨୩-୨୪ ଆର୍ଥିକ ବର୍ଷରେ ରାଜ୍ୟର ସହରାଞ୍ଚଳର ବିକାଶ ପାଇଁ ମୁକ୍ତା ଯୋଜନା କାର୍ଯ୍ୟକାରୀ କରିଥିଲେ। ଏହି ଯୋଜନାର ଲକ୍ଷ୍ୟ ଥିଲା, ସହରାଞ୍ଚଳ ଗୁଡିକରେ ମିନି ପାର୍କ, ପିଲାଙ୍କ ପାଇଁ ଜିମ୍, ଡ୍ରେନେଜ, ରାସ୍ତା ଓ କମ୍ୟୁନିଟି ଶୌଚାଳୟ ପ୍ରଭୃତି ନିର୍ମାଣ କରାଯିବ। ଯୋଜନାର ଗାଇଡ୍ ଲାଇନ ଅନୁସାରେ ସ୍ଥାନୀୟ ଏସଏଚଜି ସଦସ୍ୟାମାନେ ଯୋଜନାର ପ୍ରକଳ୍ପ ଗୁଡିକ ନିର୍ମାଣ କରିବେ। ବାଲେଶ୍ୱର ପୌରପାଳିକାକୁ ଗତ ୨୦୨୩-୨୪ଆର୍ଥିକ ବର୍ଷରେ ଏହି ମୁକ୍ତା ଯୋଜନାରେ ପୌରପାଳିକାର ୩୧ଟି ୱାର୍ଡରେ ୯୭ଟି ପ୍ରକଳ୍ପ ନିର୍ମାଣ କରିବା ଲାଗି ତତ୍କାଳୀନ ସରକାର ୯କୋଟି ଟଙ୍କା ଦେଇଥିଲେ। ମୁକ୍ତା ଯୋଜନାର ଏହି ୯କୋଟି ଟଙ୍କାରୁ ୩ କୋଟି ଟଙ୍କା ପୌରପାଳିକା ପକ୍ଷରୁ ଖପରାପଦା ଅଞ୍ଚଳର ଅନ୍ୟ ଏକ ନିର୍ମାଣ କାର୍ଯ୍ୟରେ ଖର୍ଚ୍ଚ କରାଯିବା ଯୋଗୁଁ ନିର୍ମାଣ ହେବାକୁ ଥିବା ୯୭ଟି ପ୍ରକଳ୍ପରୁ ୪୭ଟି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲା। ବକେୟା ୫୦ଟି ପ୍ରକଳ୍ପ ମଧ୍ୟରୁ କିଛି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ଅବସ୍ଥାରେ ରହିଛି। ଆଉ କିଛି ପ୍ରକଳ୍ପର କାର୍ଯ୍ୟାଦେଶ ନେଇଥିବା ଏସଏଚଜିମାନେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିନାହାନ୍ତି। ସରକାର ଆଉ ଏହି ଯୋଜନାରେ ଅର୍ଥ ଦେଉ ନଥିବା କାରଣରୁ ଅଧା ପନ୍ତରିଆ ପ୍ରକଳ୍ପ କାର୍ଯ୍ୟ କରିଥିବା ଏସଏଚଜି ମାନେ ଖର୍ଚ୍ଚ କରିଥିବା ଅର୍ଥ ପାଇବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏହି ଯୋଜନାରେ ବକେୟା ରହିଯାଇଥିବା ୫୦ଟି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ କି ନାହିଁ, ଏନେଇ ଜନସାଧାରଣରେ ବିଭିନ୍ନ ପ୍ରକାର ଚର୍ଚ୍ଚା ହେଉଛି। ଏ ବାବଦରେ ପୌରପାଳିକାର ୧୬ନମ୍ବର ୱାର୍ଡର କାଉନସିଲର ଆନିନ୍ଦ୍ୟ କୁମାର ପଣ୍ଡା କହିଛନ୍ତି, ୱାର୍ଡରେ ଥିବା ଗୋରା କବର ସ୍ଥଳ ବା ଗୁରୁଙ୍କ ଖାନା ଭଳି ଐତିହାସିକ ସ୍ଥାନର ବିକାଶ କରିବା ପାଇଁ ମୁକ୍ତା ଯୋଜନାରେ ୧୫ ଲକ୍ଷ ଟଙ୍କା ଅଟକଳର ପ୍ରକଳ୍ପକୁ ନିର୍ମାଣ କରିବା ଲାଗି ସ୍ଥାନୀୟ ରାଧାକୃଷ୍ଣ ଏସଏଚଜିକୁ ଦିଆଯାଇ ଥିଲା। ସମ୍ପୃକ୍ତ ଏସଏଚଜି ସୁଧରେ ଟଙ୍କା ଆଣି ୧୨ ଲକ୍ଷ ଖର୍ଚ୍ଚ କରି ଏହି ପ୍ରକଳ୍ପର ସିଂହ ଭାଗ କାମ ସାରିଛନ୍ତି। ମାତ୍ର ୫ଲକ୍ଷ ଟଙ୍କା ପୌରପାଳିକା ଏହି ଏସଏଚଜିକୁ ଦେଇଛି। ବକେୟା ଟଙ୍କା ଏସଏଚଜି ପାଉନଥିବା ଯୋଗୁଁ ସେହି ଗ୍ରୁପର ମହିଳା ମାନେ ଉଧାର ଆଣିଥିବା ଟଙ୍କାର ସୁଧ ଗଣୁ ଥିବାର କାଉନସିଲର ପଣ୍ଡା କହିଛନ୍ତି। ଅପରପକ୍ଷରେ ପୌରାଧ୍ୟକ୍ଷ ସବିତା ସାହୁ ମୁକ୍ତା ଯୋଜନା ବାବଦରେ କହିଛନ୍ତି, ବକେୟା ୫୦ଟି ପ୍ରକଳ୍ପ ମଧ୍ୟରୁ ଅଧିକାଂଶ ନିର୍ମାଣାଧୀନ ଅବସ୍ଥାରେ ରହିଛି। ଏହି ପ୍ରକଳ୍ପ ଗୁଡିକର ନିର୍ମାଣ କାର୍ଯ୍ୟ କରିଥିବା ଏସଏଚଜି ଟଙ୍କା ପାଇ ନାହାନ୍ତି। ସରକାର ଗତ ଅକ୍ଟୋବର ତଳେ ମୁକ୍ତା ଯୋଜନାରେ ବକେୟା ନିର୍ମାଣ କାର୍ଯ୍ୟ ଶେଷ କରିବା ପାଇଁ ୧କୋଟି ଟଙ୍କା ଦେଇଥିଲେ। ତାହା ଆଗ କାମ କରିଥିବା ଠିକାଦାରୀ ସଂସ୍ଥାକୁ ଦିଆଯାଇଛି। ଆଉ ଅଢେଇ କୋଟି ଟଙ୍କା ଆବଶ୍ୟକ ରହିଛି। ସରକାର ଆଉ ଅଢେଇ କୋଟି ଟଙ୍କା ଦେଲେ ସମସ୍ତ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଯିବ।

# ଟାଉନ ହାଇସ୍କୁଲରେ ବିଦାୟକାଳୀନ ସଭା



ବାଲେଶ୍ୱର,୧୪।୨(ସମିସ): ଟାଉନ ହାଇସ୍କୁଲରେ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ଏକ ବିଦାୟକାଳୀନ ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସତ୍ୟରଞ୍ଜନ ଭୂୟାଁ ଅଧ୍ୟକ୍ଷତା କରିଥିଲେ। ଷଷ୍ଠରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ପିଲା ଏହି ଏହି ସଭା ଆୟୋଜନ କରିଥିଲେ। ଶେଷରେ ଦଶମ ଛାତ୍ରଛାତ୍ରୀ ସେମାନଙ୍କର ଅଭିଜ୍ଞତା ବଖାଣିଥିଲେ। ସଭାରେ ବିଦାୟୀ ଛାତ୍ରଛାତ୍ରୀଙ୍କୁ ଅତିଥି ଶିକ୍ଷକ ଅକ୍ଷୟ କୁମାର ପାତ୍ର, ଶ୍ରେଣୀ ଶିକ୍ଷୟିତ୍ରୀ ସୁମତି ରାଉତ, ମଧୁସ୍ମିତା ବାରିକ, କଳ୍ପଲତା ରଥ, ଶିଖାରାଣୀ ପାତ୍ର, ଅଫିସ ସହକାରୀ ରାଜେନ୍ଦ୍ର ଦେ ପ୍ରମୁଖ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଅଫିସ ସହକର୍ମୀ ସହଯୋଗ କରିଥିଲେ।

# ଭେଲୋରାରେ ରକ୍ତଦାନ ଶିବିର



ରାଜଘାଟ, ୧୪।୨ (ସମିସ): ବସ୍ତା ବ୍ଲକ ଭେଲୋରା ପଞ୍ଚାୟତ ଅନ୍ତର୍ଗତ କ୍ରିଷ୍ଣା କ୍ଲବ କୁଲଡିହା ପକ୍ଷରୁ କ୍ଲବର ୬ଷ୍ଠ ବାର୍ଷିକ ଅବସରରେ ଶୁକ୍ରବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବସ୍ତା ଥାନା ଅଧିକାରୀ ଗୋବିନ୍ଦ ଚନ୍ଦ୍ର ବେହେରା, ସମ୍ମାନିତ ଅତିଥି ଭାବେ ବାଲେଶ୍ୱର ଜିଲ୍ଲା ରକ୍ତଦାତା ସଙ୍ଘର ସଭାପତି କମଲ ଚକ୍ରବର୍ତ୍ତୀ ଓ ସ୍ଥାନୀୟ ସରପଞ୍ଚ ଦୁର୍ଗାରାଣୀ ଜେନା ମିଳିତ ଭାବେ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଜିଲ୍ଲା ରକ୍ତଦାତା ସଙ୍ଘର ସାଙ୍ଗଠନିକ ସମ୍ପାଦକ ମନୋରଞ୍ଜନ ଦାସ, ବରିଷ୍ଠ ସାମ୍ବାଦିକ ସତ୍ୟବ୍ରତ ପ୍ରଧାନ, ସ୍ଥାନୀୟ ସମିତି ସଭ୍ୟ ଅନାଦି ଦାସ, ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ତଥା ସଙ୍ଘର ଆଜୀବନ ସଦସ୍ୟ ଅଶ୍ୱିନୀ କୁମାର ଦାସ, ଜନ୍ମେଜୟ ପରିଡ଼ା, ଅଂଶୁମାନ ପ୍ରଧାନ, ଆଦର୍ଶ ଶିକ୍ଷକ ଗଣେଶ ଚନ୍ଦ୍ର ଜେନା, ଅଭିମନ୍ୟୁ ପ୍ରଧାନ, କୁଳିଦା ପଞ୍ଚାୟତର ନାଏବ ସରପଞ୍ଚ ଅରବିନ୍ଦ ପ୍ରଧାନ ପ୍ରମୁଖ ଉପସ୍ଥିତ ହୋଇ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। କ୍ଲବର ସଭାପତି ଭବାନୀ ଶଙ୍କର ଦାସ,ସମ୍ପାଦକ ସପନ କୁମାର ବେହେରା ଓ କ୍ରିଷ୍ଣା କ୍ଲବର ସମସ୍ତ କର୍ମକର୍ତ୍ତା ସମେତ କୁଲଡ଼ିହା ବଣିଆମାରୀ ଶ୍ରୀ ଜଗନ୍ନାଥ ଚେତନା ମହୋତ୍ସବ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ କ୍ଲବର ବରିଷ୍ଠ ସଦସ୍ୟ ମାନସ ରଞ୍ଜନ ସି ପରିଚାଳନା କରିଥିଲେ।ଏହି ଶିବିରରୁ ମୋଟ ୮୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। କ୍ଲବ୍‌ର ଉପ ସଭାପତି ନଗେନ୍ଦ୍ର ଦେ ଆଜିର ଏହି କାର୍ଯ୍ୟକ୍ରମକୁ ପୁଲ୍‌ୱାମାରେ ସହିଦ ହୋଇଥିବା ବୀର ଯବାନମାନଙ୍କ ଉଦ୍ଦେଶ୍ୟରେ ଅନୁଷ୍ଠିତ ହୋଇଥିବା କହିଛନ୍ତି।

# ୧୬ରେ ପୁରାତନ ଛାତ୍ର ସଂସଦର ବାର୍ଷିକ ଉତ୍ସବ

ବାଲେଶ୍ୱର,୧୪।୨(ସମିସ): ଫକୀରମୋହନ ମହାବିଦ୍ୟାଳୟ ପୁରାତନ ଛାତ୍ର ସଂସଦର ୩୧ ତମ ବାର୍ଷିକ ଉତ୍ସବ ମହାବିଦ୍ୟାଳୟ ପରିସରରେ ଚଳିତ ମାସ ୧୬ ତାରିଖ ରବିବାର ଦିନ ଅନୁଷ୍ଠିତ ହେବ। ଏହି ଉତ୍ସବରେ ଛାତ୍ର ସଂସଦ ତରଫରୁ ବିଶିଷ୍ଟ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା ସହ ଉଚ୍ଚ ମାଧ୍ୟମିକ ଓ ମହାବିଦ୍ୟାଳୟ ସ୍ତରରେ ବିଭିନ୍ନ ବିଷୟରେ ସର୍ବୋଚ୍ଚ ନମ୍ବର ରଖିଥିବା ୬୯ ଜଣ ଛାତ୍ରଛାତ୍ରୀଙ୍କୁ ସ୍ମାରକୀ ପୁରସ୍କାର ପ୍ରଦାନ କରାଯିବ। ଏହି ପରିପ୍ରେକ୍ଷୀରେ ୧୬ ତାରିଖ ଦିନ ସକାଳେ ଏକ ନିଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା ଶିବିର ଅନୁଷ୍ଠିତ ହେବ। ସମସ୍ତ ଜନସାଧାରଣଙ୍କୁ ଏହାର ସୁଯୋଗ ନେବା ପାଇଁ ଅନୁରୋଧ କରାଯାଇଛି। ଏଥିସହିତ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ନାଟକ 'ସମ୍ପର୍କ' ପରିବେଷଣ ହେବ ବୋଲି ସଂସଦ ପକ୍ଷରୁ ସୂଚନା ମିଳିଛି।

**ଭୁବନେଶ୍ୱରରେ ମିଶନ ଶକ୍ତି ମହିଳାଙ୍କ ଆନ୍ଦୋଳନ**

# ନୈତିକ ସମର୍ଥନ ଜଣାଇଲେ ବିଜେଡି ବିଧାୟକ

ବାଲିଆପାଳ, ୧୪।୨(ସମିସ): ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ନିଖିଳ ଓଡିଶା ଜୀବିକା ମିଶନ ଇ.ସି. ମହାସଂଘର ପକ୍ଷରୁ ଚାଲିଥିବା ରାଜ୍ୟସ୍ତରୀୟ ବିକ୍ଷୋଭରେ ସ୍ଥଳରେ ଶୁକ୍ରବାର ଅପରାହ୍ନରେ ବସ୍ତା ବିଧାୟିକା ସୁବାସିନୀ ଜେନା ପହଞ୍ଚି ମାଆ ଭଉଣୀଙ୍କୁ ନୈତିକ ସମର୍ଥନ ଜଣାଇଥିଲେ। ଏହି ଅବସରରେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ, ସୋର ବିଧାୟକ ମାଧବ ଧଡ଼ା, ଯାଜପୁର ବିଧାୟିକା ସୁଜାତା ସାହୁ ଉପସ୍ଥିତ ଥିଲେ। ପ୍ରକାଶ ଥିଉକି ଛ'ଅଟି ଗୁରୁତ୍ୱପୂର୍ଣ୍ଣ ନ୍ୟାର୍ଯ୍ୟ ଦାବିରେ ବସ୍ତା ବାଲିଆପାଳ ସମେତ ସମଗ୍ର ରାଜ୍ୟର ମାଆ ଭଉଣୀ ମାନେ ଖରା କାକରରେ ରାଜଧାନୀର ରାଜରାସ୍ତାରେ ଧାରଣା ବସିଛନ୍ତି। ସାମାଜିକ ନିରାପତ୍ତା ପ୍ରତ୍ୟେକ ମଣିଷ ପାଇଁ ବେଶ ଗୁରୁତ୍ୱ ବହନ କରୁଥିବା ବେଳେ ଜୀବିକା ମିଶନ ଇ.ସି.ର ସଦସ୍ୟାମାନଙ୍କୁ ଏଥିରୁ ରାଜ୍ୟ ସରକାର ବାଦ ଦେବା ସହିତ ଅନ୍ୟ ଦାବି ରଖି ଆନ୍ଦୋଳନରତ ମା' ଓ ଭଉଣୀ ପାଖରେ ଶ୍ରୀମତୀ ଜେନା ପହଂଚି ସେମାନଙ୍କ ଦୁଃଖ ବୁଝିବା ସହିତ ସେମାନଙ୍କୁ ନୈତିକ ସମର୍ଥନ ଜଣାଇଥିଲେ ଏବଂ ସେମାନଙ୍କର ଦାବିଗୁଡିକୁ ବିଧାନସଭାରେ ଉପସ୍ଥାପନ କରିବେ ବୋଲି କଥା ଦେଇଛନ୍ତି।



# 'କାବ୍ୟ ଅନୁରକ୍ତି'ର ଜନ୍ମବାର୍ଷିକୀରେ କବିତା ପାଠୋତ୍ସବ

ବାଲେଶ୍ୱର,୧୪।୨(ସମିସ): କବିତା ପାଠ ଏବଂ କାବ୍ୟ ଚର୍ଚ୍ଚାର ଆଭିମୁଖ୍ୟ ନେଇ ଗଠିତ 'କାବ୍ୟ ଅନୁରକ୍ତି' ର ଜନ୍ମ ବାର୍ଷିକରେ ଏକ ମନୋଜ୍ଞ ପ୍ରେମ କବିତା ପାଠୋତ୍ସବ ଗୋପାଳଗାଁ ସ୍ଥିତ କବି ଯଶୋଧାରା ଦାସଙ୍କ ବାସଭବନରେ ଆୟୋଜିତ ହୋଇଥିଲା। ଏହି ଆସରକୁ ନବକୃଷ୍ଣ ଚୌଧୁରୀଙ୍କ କନ୍ୟା ବିଶିଷ୍ଟ ଗାନ୍ଧିବାଦୀ ନେତ୍ରୀ କ୍ରିଷ୍ଣା ମହାନ୍ତି ଉଦ୍‌ଘାଟନ କରିଥିଲେ। କବି ଯଶୋଧାରା ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ ବଙ୍ଗଳା ସାହିତ୍ୟ ଏକାଦେମୀ ପୁରସ୍କୃତ କବି ଡ. ମନ୍ଦାର ମୁଖାର୍ଜୀ। ପ୍ରେମ କବିତା ପାଠ କରିଥିଲେ କବି ଶ୍ରୀଦେବ, ଡ. ହରିଶ୍ଚନ୍ଦ୍ର ବେହେରା, ଡ. ଶିରୀଶ ଚନ୍ଦ୍ର ଜେନା, କବି ସତ୍ୟ ସାହୁ, ଉଦୟ ନାରାୟଣ ଦାସ, ସଞ୍ଜୟ କୁମାର ପଣ୍ଡା, ଦେବଯାନୀ ଦାସ, ଆଶିଷ ଚକ୍ରବର୍ତ୍ତୀ, ଡ. ମନ୍ଦାର ମୁଖାର୍ଜୀ, କ୍ରିଷ୍ଣା ମହାନ୍ତି, ଯଶୋଧାରା ଦାସ, ଆଶାରାଣୀ ପରିଡା, ନିକମଲ ସିଂହ, ବାସନ୍ତୀ ଦାସ ପ୍ରମୁଖ। ଶେଷରେ ଜ୍ୟୋତିର୍ମୟୀ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।



# ଭୋଗରାଇ ଉତ୍ସବର ନବମ ସନ୍ଧ୍ୟା



ଭୋଗରାଇ,୧୪।୨(ସମିସ): ଭୋଗରାଇ ବ୍ଲକ ଦେହୁର୍ଦ୍ଦା ପଞ୍ଚାୟତ ଥାନାଛକ ହେଲିପ୍ୟାଡ ପଡ଼ିଆରେ ଭୋଗରାଇ ଉତ୍ସବର ନବମ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଉତ୍ସବ କମିଟିର ଉପସଭାପତି ତଥା ଯୁବ ଆଇନଜୀବୀ ରାଜକୁମାର ଦାସଙ୍କ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଭୋଗରାଇ ତହସିଲଦାର ସୂର୍ଯ୍ୟ ନାୟକ, ମୁଖ୍ୟବକ୍ତା ବାଲେଶ୍ୱର ଭଦ୍ରକ ସମବାୟ ସମିତିର ନିର୍ଦ୍ଦେଶକ ଆଶିଷ ପାତ୍ର, ସମ୍ମାନିତ ଅତିଥି ଭାବେ ସମାଜସେବୀ ଅଂଶୁମାନ ମହାନ୍ତି, ସମ୍ମାନିତ ବକ୍ତା ଅତିରିକ୍ତ ତହସିଲଦାର ଭୋଗରାଇ ପ୍ରତାପ ଚନ୍ଦ୍ର ବେହେରା, ସମ୍ମାନିତ ଅତିଥି ଭାବେ ସମାଜସେବୀ ସୁଦର୍ଶନ ଜେନା ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। କବି ଶ୍ରୀକୁମାର ଘୋଷ ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ଉତ୍ସବ କମିଟିର ବରିଷ୍ଠ ସଦସ୍ୟ ତଥା ମହେଶପୁର ପଞ୍ଚାୟତର ସରପଞ୍ଚ ବରେନ୍ଦ୍ର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଶିଷ୍ଟ ଶିଳ୍ପପତି ସୁଶାନ୍ତ ପଟ୍ଟନାୟକ ଓ ପ୍ରାକ୍ତନ ଗୋଷ୍ଠୀ ଶିକ୍ଷା ଅଧିକାରୀ କମଳଲୋଚନ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ପୋଖରୀରେ ବୁଡ଼ି ଶିଶୁ ମୃତ

ରୂପସା,୧୪।୨ (ସମିସ): ରୂପସା ଥାନା ଗଡ଼ପଦା ପଞ୍ଚାୟତ ଅନ୍ତର୍ଗତ ଲଛମନଖୁଣ୍ଟା ଦରଖୁଳି ଗ୍ରାମରେ ଶୁକ୍ରବାର ଚିତ୍ତରଞ୍ଜନ ମହାନ୍ତଙ୍କ ଏକମାତ୍ର ପୁତ୍ର ଜୟଦେବ (୬) ପୋଖରୀରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ଜେଜେବାପା, ଜେଜେମା'ଙ୍କ ସହ ଶିଶୁପୁତ୍ର ଜଣକ ଘରେ ଥିଲେ। ଶିଶୁପୁତ୍ରର ମା' ବିଲକୁ କାମ କରିବାକୁ ଯାଇଥିଲେ। ବାପା ଚିତ୍ତରଞ୍ଜନ ଗୁଜୁରାଟର ଏକ ଘରୋଇ କମ୍ପାନୀରେ ଚାକିରି କରନ୍ତି। ଘରେ ଖେଳୁଥିବା ସମୟରେ ଶିଶୁ ଜଣକ ସ୍ଥାନୀୟ ପୋଖରୀରେ ବୁଡ଼ି ଯାଇଥିଲେ। ଗାଁ ଲୋକେ ପୋଖରୀରୁ ଉଦ୍ଧାର କରି ରୂପସା ମେଡିକାଲକୁ ସଂଗେ ସଂଗେ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ରୂପସା ଥାନାରେ ପୋଲିସ ଏକ ଅପମୃତ୍ୟୁ ମାମଲା ନମ୍ବର ୨/୨୫ ରୁଜୁ କରି ତଦନ୍ତ ଜାରି ରଖିଛି।

# ଫକୀରମୋହନ ମହାବିଦ୍ୟାଳୟରେ ଶ୍ରଦ୍ଧାଞ୍ଜଳି ସଭା

ବାଲେଶ୍ୱର,୧୪।୨(ସମିସ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ କ୍ୟାମ୍ପସ ଶାଖା ତରଫରୁ ପୁଲୱାମାରେ ପ୍ରାଣବଳି ଦେଇଥିବା ଯବାନମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଭା ତଥା କଳା ଦିବସ ପାଳନ କରାଯାଇଛି। ୨୦୧୯ ରେ ପୁଲୱାମାରେ ଘଟିଥିବା ଆତଙ୍କୀ ହମଲାରେ ୪୦ ଜଣ ଯବାନ ପ୍ରାଣ ହରାଇଥିଲେ। ଏଥି ଯୋଗୁଁ ପ୍ରତ୍ୟେକ ବର୍ଷ ଫକୀରମୋହନ ମହାବିଦ୍ୟାଳୟରେ ଏବିଭିପି ତରଫରୁ ଯବାନମାନଙ୍କ ସ୍ମୃତିଚାରଣ କରି କଳା ଦିବସ ପାଳନ କରାଯାଇଥାଏ। ଛାତ୍ରଛାତ୍ରୀମାନଙ୍କ ତରଫରୁ ଭାରତୀୟ ସେନା ଆଧାରିତ ଏକ ନାଟକ ପ୍ରଦର୍ଶିତ ହେବା ସହ ଦେଶାତ୍ମବୋଧକ କବିତା ଏବଂ ସଂଗୀତ ଗାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ନଗର ସଂଘ ଚାଳକ ଗୋପାଳ ଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ଭାବରେ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଦିଲ୍ଲୀପ କୁମାର ଘୋଷ, ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟର ଅଧ୍ୟାପକ ଲକ୍ଷ୍ମୀନାରାୟଣ ନାୟକ, ଏବିଭିପି ଓଡିଶାର ରାଜ୍ୟ ସହ ସମ୍ପାଦକ ଶୁଭ୍ର ସମ୍ବିତ ନାୟକ, ଖେଲୋ ଭାରତ ସଂଯୋଜିକା ଜ୍ୟୋତିରେଖା ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାନ୍ତ ସାମାଜିକ ଗଣମାଧ୍ୟମ ସହ ସଂଯୋଜକ ବିପ୍ଳବ ବସନ୍ତିଆ, ବିଭାଗ ସାମାଜିକ ଗଣମାଧ୍ୟମ ସଂଯୋଜକ ଭବେଶ ତରାଇ, ନଗର ସମ୍ପାଦକ ଜୀତମ ଦାସ, ସତ୍ୟମ ଦାସ, ସନ୍ତୋଷ ସେଠୀ, ରାଜକମଲ ବାରିକ, ହୃଦାନନ୍ଦ ନାୟକ, ରଶ୍ମିରଞ୍ଜନ ସାହୁ, ପ୍ରକାଶ ପଣ୍ଡା, କଶିଶ ଦାସ, ଦିବ୍ୟ ନାରାୟଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ବଧୂହତ୍ୟା ମାମଲାରେ ମା'ପୁଅ ନିର୍ଦ୍ଦୋଷରେ ଖଲାସ

ବାଲେଶ୍ୱର,୧୪।୨(ସମିସ): ବାଲେଶ୍ୱର ଜିଲ୍ଲା ବିଚାର ବିଭାଗର ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ବିଶ୍ୱଜିତ ଦାସ ଶୁକ୍ରବାର ଦିନ ଏକ ବଧୂହତ୍ୟା ମାମଲାର ବିଚାରକରି ଅଭିଯୁକ୍ତ ଶକୁନ୍ତଳା ଦଳେଇ ଓ ତାଙ୍କ ପୁତ୍ର ସନ୍ତୋଷ ଦଳେଇଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ, ସଦର ଥାନା ଖାନନଗର ଗ୍ରାମର ସନ୍ତୋଷ ଦଳେଇ ଓ ତାଙ୍କ ମା' ଶକୁନ୍ତଳା ଦଳେଇଙ୍କ ବିରୁଦ୍ଧରେ ସଦର ଥାନାରେ ସନ୍ତୋଷର ପତ୍ନୀ ନୟନାକୁ ହତ୍ୟା କରିଥିବାର ନୟନାଙ୍କ ବାପ ଘର ଲୋକେ ଅଭିଯୋଗ କରିଥିଲେ। ଏହି ମାମଲା ବିଚାରପତି ବିଶ୍ୱଜିତ ଦାସଙ୍କ କୋର୍ଟରେ ବିଚାରାଧୀନ ଥିଲା। ଆଜି ଏହି ମାମଲାର ରାୟରେ ପ୍ରମାଣ ଅଭାବରୁ ଅଭିଯୁକ୍ତ ମା' ଓ ପୁଅଙ୍କୁ ବିଚାରପତି ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଏହି ମାମଲାକୁ ମୁଦାଲାଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ଯଦୁନାଥ ବାରିକ ପରିଚାଳନା କରିଛନ୍ତି।

# ଜଳିଗଲା ୪ ନଡ଼ାଗାଦି

ରାଜଘାଟ, ୧୪।୨ (ସମିସ): ବସ୍ତା ବ୍ଲକ୍ ପୁରୁଷୋତ୍ତମପୁର ପଞ୍ଚାୟତ ଅନ୍ତର୍ଗତ ସରିଷା ଗ୍ରାମରେ ଚାରୋଟି ନଡ଼ାଗାଦିରେ ନିଆଁ ଲାଗିଯାଇ ବ୍ୟାପକ କ୍ଷୟକ୍ଷତି ଘଟିଛି। ଗ୍ରାମର ୪ ଭାଇ ଯାଦବ ଦାସ, କେଶବ ଚନ୍ଦ୍ର ଦାସ, ଗୋପାଳ ଚନ୍ଦ୍ର ଦାସ ଓ ଗୋବିନ୍ଦ ଚନ୍ଦ୍ର ଦାସ ପାଖା ପାଖି ୧୫ ଏକର ଫସଲ ଅମଳ ସାରି ନଡ଼ା ଗୁଡ଼ିକ ଘରପାଖରେ ୪ଟି ଭିନ୍ନ ଭିନ୍ନ ଗାଦି ମାରି ରଖିଥିଲେ। ତେବେ ଶୁକ୍ରବାର ଅପରାହ୍ଣ ୨:୧୫ ସମୟରେ ପରିବାର ଲୋକେ ରୋଷେଇ ସାରି ପାଉଁଶ ଗୁଡ଼ିକ ଖତଗଦାରେ ପକାଇଥିଲେ। କିଛି ସମୟ ପରେ ପବନରେ ନିଆଁ ହୁଳା ଉଡ଼ିଆସି ନଡ଼ାଗାଦିରେ ଲାଗି ଯାଇଥିଲା। ପରେ ଏହି ନିଆଁ ଗୋଟାଏ ପରେ ଗୋଟାଏ ନଡ଼ାଗାଦିକୁ ସଞ୍ଚାରିତ ହୋଇଥିଲା। ପରିବାର ଲୋକେ ଦେଖିପାରି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ କେନ୍ଦ୍ରାଧିକାରୀ ପ୍ରତାପ ପାଳଙ୍କ ନିର୍ଦ୍ଦେଶରେ ପ୍ରମୋଦ ନାଏକ, କୈଳାସ ଚନ୍ଦ୍ର ମୁଦୁଲି, ଗଜେନ୍ଦ୍ର ପରିଆଳ, ବସନ୍ତ ମହାନ୍ତି, ଅମିୟ କୁମାର ବେହେରା ପ୍ରମୁଖ କର୍ମଚାରୀ ସଦଳବଳେ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହି ଅଗ୍ନିକାଣ୍ଡରେ ୭୫ ହଜାରରୁ ଅଧିକ ଟଙ୍କାର କ୍ଷୟକ୍ଷତି ଘଟିଥିବା ସୂଚନା ମିଳିଛି।

**● ମହାକୁମ୍ଭରେ ବୁଡ଼ ପକାଇବାକୁ ଯାଇ ହନ୍ତସନ୍ତ**

# ୪୦ ଘଣ୍ଟା ପରେ ଟ୍ରାଫିକ ଯନ୍ତ୍ରଣାରୁ ବର୍ତ୍ତିଲେ ଶ୍ରଦ୍ଧାଳୁ

ରାଜଘାଟ, ୧୪।୨ (ସମିସ): ବସ୍ତା ଓ ଜଳେଶ୍ୱର ଅଞ୍ଚଳରୁ ପ୍ରୟାଗରାଜ କୁମ୍ଭ ମେଳାରେ ବୁଡ଼ ପକାଇବାକୁ ଯାଇ ଅଯୋଧ୍ୟା ଜିଲ୍ଲା ସୁଲତାନପୁର - ବିକାପୁର ନିକଟରେ ଟ୍ରାଫିକ ଜାମରେ ୪୦ ଘଣ୍ଟାରୁ ଅଧିକ ହେବ ଭୋକ, ଉପବାସ ସାଙ୍ଗକୁ ଅଣନିଃଶ୍ୱାସୀ ହୋଇ ୭୦ ତୀର୍ଥ ଯାତ୍ରୀ ଗୁରୁତର ଅବସ୍ଥାରେ ଫସି ରହିଥିଲେ। ତେବେ ସେମାନଙ୍କୁ ଉଦ୍ଧାର ଓ ସହାୟତା ଯୋଗାଇ ଦେବା ପାଇଁ ସୋସିଆଲ ମିଡ଼ିଆ ମାଧ୍ୟମରେ ନିବେଦନ କରିଥିଲେ। ଏ ନେଇ କିଛି ସମାଜ ସେବୀ ଉଭୟ ଜଳେଶ୍ୱର ଓ ବସ୍ତା ତହସିଲଦାର, ଜିଲ୍ଲା ପରିବହନ ଅଧିକାରୀ, ବାଲେଶ୍ୱର ଜିଲ୍ଲାପାଳ ମୟୂର ବିକାଶ ସୂର୍ଯ୍ୟବଂଶୀ ସମେତ ମୁଖ୍ୟଶାସନ ସଚିବ ଓ ମୁଖ୍ୟମନ୍ତ୍ରୀ ଙ୍କ କାର୍ଯ୍ୟାଳୟକୁ ସମସ୍ୟା ବାବଦରେ ଅବଗତ କରାଇ ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ ରାଜ୍ୟ ସରକାର ଓ ବିଭଗୀୟ ଅଧିକାରୀ ସମସ୍ୟାକୁ ଗୁରୁତ୍ୱର ସହିତ ଗ୍ରହଣ କରି ଉତ୍ତର ପ୍ରଦେଶ ସରକାର ଓ ପ୍ରଶାସନ ସହିତ ଆଲୋଚନା କରିଥିଲେ। ଯାହାଦ୍ୱାରା ତୁରନ୍ତ ଟ୍ରାଫିକ ସମସ୍ୟାର ସମାଧାନ ହେବ ସହିତ ଅଟକି ରହିଥିବା ଥିବା ତୀର୍ଥ ଯାତ୍ରୀ ବସ୍‌ଟି ନିଜର ଗନ୍ତବ୍ୟ ସ୍ଥଳରେ ପହଞ୍ଚି ପାରିଥିଲା।

# ନାଳରୁ ପାଣି ନିଷ୍କାସନ ଦାବିରେ ଜିଲ୍ଲାପାଳଙ୍କୁ ଦାବିପତ୍ର

ବାଲେଶ୍ୱର, ୧୪।୨(ସମିସ)

ବାଲେଶ୍ୱର ସଦର ତହସିଲ ଅଧିନସ୍ଥ ହିଡିଗାଁ ପଞ୍ଚାୟତ ହିଡିଗାଁ ଗ୍ରାମର ଦୁଇଟି ନାଳରୁ ପାଣି ନିଷ୍କାସନ କରିବା ଦାବିରେ ଗ୍ରାମର ସଚେତନ ନାଗରିକ ମାନଙ୍କ ପକ୍ଷରୁ ଜିଲ୍ଲାପାଳଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ହିଡିଗାଁ ମୌଜା ସମୁଦ୍ର କୂଳିଆ ଅଞ୍ଚଳ ହେଇଥିବା ଯୋଗୁଁ ଲୁଣି ପାଣି ଅଧିକାଂଶ ବର୍ଷ ଚାଷ ଜମିରେ ମାଡିଯାଇ ଫସଲ ନଷ୍ଟ କରିଥାଏ। ସେଥିପାଇଁ ଏହି ମୌଜାରେ ଦୁଇଟି ନାଳ ବହୁ ବର୍ଷ ପୂର୍ବରୁ ଖୋଳା ଯାଇଥିଲା।ଏହି ନାଳ ଦୁଇଟିରୁ ଗୋଟିଏକୁ ବଗେଇ ନାଳ ଓ ଅନ୍ୟଟିକୁ ହିଡିଗାଁ ନାଳ ବୋଲି ସ୍ଥାନୀୟ ଲୋକେ କୁହନ୍ତି। ଏହି ନାଳ ଦୁଇଟିର ଦୂରତା ୧୫କିମିରୁ ଉର୍ଦ୍ଧ ଅଟେ। ବର୍ଷା ଓ ବନ୍ୟା ଜଳ ଏହି ନାଳ ଦେଇ ନିଷ୍କାସିତ ହେଇଯାଉ ଥିଲା। ପୂର୍ତ୍ତ ବିଭାଗ ପକ୍ଷରୁ ଏହି ନାଳ ଦୁଇଟିକୁ ଖୋଳା ଯାଇଥିଲା। ପରେ ନାଳ ଦୁଇଟିକୁ ନିଲାମ ମଧ୍ୟ ଦିଆଯାଇ ଥିଲା। ଏହା ମଧ୍ୟରେ ଦୀର୍ଘ ବର୍ଷ ବିତି ଯାଇଥିଲାବେଳେ ନାଳ ଦୁଇଟିର ରକ୍ଷଣାବେକ୍ଷଣ କରାଯାଇ ନାହିଁ। ପୁଣି କିଛି ଅସାଧୁ ବ୍ୟକ୍ତିମାନେ ନାଳକୁ ଅବରୋଧ କରି ରଖିଛନ୍ତି। ଯେଉଁଥି ପାଇଁ ବର୍ତ୍ତମାନ ନାଳରୁ ପାଣି ନିଷ୍କାସନ ହେଉ ନାହିଁ। ବର୍ଷା ଜଳ ନାଳରେ ନିଷ୍କାସିତ ହେଇ ନପାରି ଚାଷ ଜମିରେ ମାଡିଯାଇ ଫସଲ ନଷ୍ଟ କରୁଛି। ତେଣୁ ତୁରନ୍ତ ଏହି ନାଳ ଦୁଇଟିକୁ ଖୋଳାଯାଇ ନାଳର ଅବରୋଧକୁ ହଟାଇ ଦେଲେ ପାଣି ନିଷ୍କାସନ ହେଇପାରିବ। ଏହି ମର୍ମରେ ଲିଖିତ ସ୍ମାରକପତ୍ର ଗ୍ରାମବାସୀ ଶୁକ୍ରବାର ଦିନ ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି। ସ୍ମାରକପତ୍ର ପ୍ରଦାନ କରିବା ବେଳେ ପ୍ରାକ୍ତନ ୱାର୍ଡ ସଭ୍ୟ ଅବନ୍ତି କୁମାର ବେରା, ତପନ କୁମାର ସିଟ, ସୁକଦେବ ବେରା, ଅଶ୍ୱନୀ ମାଇତି, ଧନଞ୍ଜୟ ବେରା, ସୁବଳ ମାଇତି, କାଳିଆ ମାଝୀ, ଅନୀଲ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।



### ବାହାନଗା ବ୍ଲକ କାର୍ଯ୍ୟାଳୟ

# ଗୋଟିଏ କୋଠରିରେ ଚାଲିଛି ଏକାଧିକ ସେକ୍ସନ

ବାହାନଗା, ୧୪।୨ (ସମିସ)



ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ କାର୍ଯ୍ୟାଳୟରେ ବିଭାଗୀୟ ଅଧିକାରୀଙ୍କ ଆନ୍ତରିକତା ଅଭାବରୁ ସରକାରଙ୍କ ପକ୍ଷରୁ ଟଙ୍କା ମଞ୍ଜୁର ହେବାକୁ ଦୀର୍ଘ ବର୍ଷ ବିତିଥିଲେ ସୁଦ୍ଧା ବିଡିଓଙ୍କ କ୍ୱାଟର ସମେତ ଅନ୍ୟାନ୍ୟ କ୍ୱାଟର କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ। ସେପଟେ ବ୍ଲକ ପରିସରରେ ଗୋଟିଏ କୋଠରୀରେ ଅକାଧିକ ସେକ୍ସନ ଚାଲୁଥିବାର ଦେଖିବାକୁ ମିଳିଛି। ଖବର ଅନୁସାରେ, ବାହାନଗା ବ୍ଲକ ୨୪ଟି ପଞ୍ଚାୟତକୁ ନେଇ ଗଠିତ ହୋଇଥିବା ବେଳେ ପ୍ରତିଦିନ ଶହଶହ ଲୋକ ନିଜ ନିଜର କାମ ପାଇଁ ବ୍ଲକ କାର୍ଯ୍ୟାଳୟକୁ ଦୌଡି ଆସିଥାନ୍ତି। ବ୍ଲକ ପ୍ରତିଷ୍ଠାକୁ ଦୀର୍ଘ ବର୍ଷ ବର୍ଷ ବିତିଥିଲେ ସୁଦ୍ଧା ଭିତ୍ତିଭୂମିର ଅବସ୍ଥା ସୁଦୃଢ ହୋଇପାରିନାହିଁ। ବ୍ଲକ କାର୍ଯ୍ୟାଳୟରେ କେଉଁଠି ଗୋଟିଏ କୋଠରୀରେ ଏକାଧିକ ସେକ୍ସନ ଚାଲିଛି ତ କେଉଁଠି ସ୍ୱଳ୍ପ ଜାଗା ମଧ୍ୟରେ ଛୋଟ ଘରେ ସେକ୍ସନ ଚଳାଉଥିବାର ଦେଖିବାକୁ ମିଳିଛି। କେବଳ ସେତିକି ନୁହଁ ବିଡିଓ ଏବଂ ସରକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ କ୍ୱାଟର ପାଇଁ ଜିଲ୍ଲା ପ୍ରଶାସନର ଅନୁମୋଦନ ସହ ସରକାର ୧୫ ଲକ୍ଷରୁ ଉଦ୍ଧ୍ୱର୍

**ପରିତ୍ୟକ୍ତ ଗୃହକୁ ଭାଙ୍ଗି ନୂତନ ଘର ନିର୍ମାଣ ଦାବି**

ଟଙ୍କା ମଞ୍ଜୁରକୁ ଦୀର୍ଘ ୮ ବର୍ଷରୁ ଅଧିକ ସମୟ ବିତିଥିଲେ ସୁଦ୍ଧା କାର୍ଯ୍ୟ ଆରମ୍ଭ ହୋଇନପାରିବା ବ୍ଲକ ପ୍ରଶାସନର ପାରିବା ପଣିଆ ଉପରେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିପରି ବ୍ଲକ ପରିସରରେ ଅନେକ ପରିତ୍ୟକ୍ତ ଘର ରହିଥିବା ବେଳେ କୌଣସି କାମରେ ଆସୁନାହିଁ, ତାହାକୁ ଅସୁରକ୍ଷିତ ଘୋଷଣା କରି ନୂତନ ବିଲଡିଂ ଏବଂ ଷ୍ଟାଫ କ୍ୱାଟର ନିର୍ମାଣ ସହ ବ୍ଲକର ଭିତ୍ତିଭୂମି ବଦଳାଇବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି। ଏ ନେଇ ବାହାନଗା ବିଡିଓ ନୀଳମାଧବ ସୁନାଙ୍କୁ ପଚାରିବାରୁ ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ପରିତ୍ୟକ୍ତ ଘରଗୁଡିକୁ ଯାଞ୍ଚ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଜଣାଯାଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଯାଞ୍ଚ କରି ବିଲଡିଂ ଅସୁରକ୍ଷିତ ହୋଇଥିବାର ରିପୋର୍ଟ ଦେବା ପରେ ସେହି ପରିତ୍ୟକ୍ତ ବିଲଡିଂକୁ ଭଙ୍ଗାଯାଇ ନୂତନ ବିଲଡିଂ ଏବଂ କ୍ୱାଟର ନିର୍ମାଣ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି।

## ସିପିଏମ୍ ପକ୍ଷରୁ ପଥପ୍ରାନ୍ତ ସଭା



**ଜଳେଶ୍ୱର, ୧୪।୨ (ସମିସ):** କର୍ପୋରେଟ ସପକ୍ଷବାଦୀ ଜନ ବିରୋଧୀ କେନ୍ଦ୍ର ବଜେଟ୍ ବିରୋଧରେ ଅଗ୍ରୱାଲା ଛକରେ ସିପିଆଇ(ଏମ୍) ପକ୍ଷରୁ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇ ଯାଇଛି। ଦେଶର ୨୦୦ ଜଣ ଡଲାର ବିଲିଓନର(ଶତ ଡଲାର କୋଟିପତି) କୁବେରଙ୍କ ଉପରେ ୪% ସମ୍ପତ୍ତି କର ଲାଗୁ କର ଏବଂ କର୍ପୋରେଟ କର ବୃଦ୍ଧି କର ଏହା ହେଉଛି ବଜେଟ ୨୦୨୫-୨୬ର ବାମପନ୍ଥୀ ଦଳମାନଙ୍କର ବିକଳ୍ପ ପ୍ରସ୍ତାବ କାର୍ଯ୍ୟକାରି କରି ଗଣବଣ୍ଟନ ବ୍ୟବସ୍ଥାକୁ ଶକ୍ତିଶାଳୀ କରିବା ପାଇଁ ଖାଦ୍ୟ ବାବଦ ସବ୍‌ସିଡି ବଢ଼ାଅ, ସ୍ୱାସ୍ଥ୍ୟ କ୍ଷେତ୍ର ପାଇଁ ମୋଟ ଜାତୀୟ ଘରୋଇ ଉତ୍ପାଦନର ୩% ଏବଂ ଶିକ୍ଷା କ୍ଷେତ୍ର ପାଇଁ ଜିଡ଼ିପିର ୬% ବ୍ୟୟ ନିଶ୍ଚିତ କର, ଜବକାର୍ଡ କାମ ପାଇଁ ବ୍ୟୟ ୫୦% ବଢ଼ାଅ, ତଫସିଲଭୁକ୍ତ ଜାତି ଏବଂ ଉପଜାତି କ୍ଷେତ୍ର ପାଇଁ ଏବଂ ମହିଳା ଓ ଶିଶୁ ବିକାଶ ପାଇଁ ବ୍ୟୟ ଅଧିକ ବଢାଅ, ଏହି ପ୍ରକଳ୍ପରେ କାମ କରୁଥିବା ସ୍କିମ ଶ୍ରମିକ ମାନଙ୍କ ଭତ୍ତା ପାଇଁ କେନ୍ଦ୍ରୀୟ ଭାଗିଦାରୀ ବଢାଅ ଇତ୍ୟାଦି ଦାବିରେ ନେତା ବସନ୍ତ ଦାସଙ୍କ ସଭାପତିତ୍ୱରେ ଅକ୍ଷୟ ମିଶ୍ର, ଦିଲ୍ଲୀପ ଗିରି, ଦୀପ୍ତିମାନ ଆଚାର୍ଯ୍ୟ, ରବୀନ୍ଦ୍ର ବାରିକ, ନିରୋଜ ବେହେରା, ପଲଟୁ ଦାସ, ଏସ. ଏଫ. ଆଇ. ଛାତ୍ର ନେତା ଚନ୍ଦନ କାମିଳା ପ୍ରମୁଖ ବକ୍ତବ୍ୟ ରଖିଥିଲେ।

## ଦୁର୍ଘଟଣାରେ ଗୁରୁତର ଆହତଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ

**ଠିକା ସଂସ୍ଥା ଓ ବିଭାଗୀୟ ଯନ୍ତ୍ରୀଙ୍କ ଅବହେଳାକୁ ଦାୟୀ କରି କ୍ଷତିପୂରଣ ଦାବି**

**ରାଇବଣିଆ, ୧୪।୨(ସମିସ):** ଜଳେଶ୍ୱର ବ୍ଲକ୍ ରାଇବଣିଆ ଠାରୁ ଶିଖରପୁର ପର୍ଯ୍ୟନ୍ତ ଜଳେଶ୍ୱର ପୂର୍ତ୍ତ ବିଭାଗ ଦ୍ୱାରା ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଚାଲିଥିବା ବେଳେ ମଙ୍ଗଳବାର ସନ୍ଧ୍ୟାରେ ଏକ ବାଇକ୍ ଦୁର୍ଘଟଣା ହୋଇଥିଲା। ଦୀର୍ଘଦିନ ଧରି ଏହି ପ୍ରଶସ୍ତିକରଣ ହେଉଥିବା ବେଳେ ବିଭାଗୀୟ ଅଧିକାରୀ କିମ୍ବା କର୍ମଚାରୀ ସୁରକ୍ଷା ବ୍ୟବସ୍ଥା କରିବା ଓ କାର୍ଯ୍ୟ ତଦାରଖ କରୁନଥିବା ଅଭିଯୋଗ ହେଉଛି।

ଫଳରେ ଲୋକେ ଘାଇରେ ପଡି ଦୁର୍ଘଟଣାର ଶିକାର ହେଉଛନ୍ତି। ଚମାର ଗାଁ ପଞ୍ଚାୟତ ଅନ୍ତର୍ଗତ ତେଘରୀ ଗ୍ରାମର



ନନିଗୋପଲ୍ ଦାସଙ୍କ ପୁତ୍ର ଦିଲ୍ଲୀପ ଦାସ୍(୨୯) ବାଇକ୍ ଯୋଗେ ରାଇବଣିଆ ଲୋକ ମହୋତ୍ସବରୁ ଫେରିବା ସମୟରେ ଭଦୁଆ ପେଟ୍ରୋଲ ଟାଙ୍କି ଠାରେ ପୋଲ କାମ ଚାଲିଥିବା ଘାଇରେ ପଡ଼ି ଦୁର୍ଘଟଣାଗ୍ରସ୍ତ ହୋଇ ଥିଲେ।

ତାଙ୍କୁ ଗୁରୁତର ଅବସ୍ଥାରେ ହାତୀଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ପରେ ସଙ୍କଟାପନ୍ନ ଭାବେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ସେଠାରୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ସକାଳେ ତାଙ୍କର ମୃତ୍ୟୁ ଘଟିଛି। ତେଣୁ ଠିକା ସଂସ୍ଥା ଓ ବିଭାଗୀୟ ଯନ୍ତ୍ରୀଙ୍କ ଅବହେଳାକୁ ଦାୟୀ କରି କ୍ଷତିପୂରଣ ଦାବି କରାଯାଉଛି।

## ସରସ୍ୱତୀ ଶିଶୁ ମନ୍ଦିରରେ ମାତୃ-ପିତୃ ପୂଜନ ଉତ୍ସବ

**ବାଲେଶ୍ୱର,୧୪।୨(ସମିସ):** ରସାଳପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଆଜି ମାତୃ-ପିତୃ ପୂଜନ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟା ଦେବସ୍ମିତା ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଡ଼ା. କୁମାର ଗୋପାଲ ଯୋଗଦାନ କରି ମାତୃ ପିତୃ ପୂଜନ ଉତ୍ସବର ଆଭିମୁଖ୍ୟ ସଂପର୍କରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟ ବକ୍ତା ଭାବେ



ବିଦ୍ୱତ ପରିଷଦ ମୁଖ୍ୟ ଶିବାଜୀ ନିଜ ବକ୍ତବ୍ୟରେ ଏତାଦୃଶ କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ। ସଂପାଦକ ଶମ୍ଭୁନାଥ ଯାଦବ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅନ୍ୟ ସମସ୍ତ ଗୁରୁଜୀ-ଗୁରୁମା ଓ ସେବିକା ସହଯୋଗ କରିଥିଲେ।

**ଜଳେଶ୍ୱର**

ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଆରୁହା ପଞ୍ଚାୟତ ଶାଳିକୋଠା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପିତୃମାତୃ ପୂଜନ ଉତ୍ସବ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସଭାପତି ସାମ୍ବାଦିକ ମନୋଜ କୁମାର ଭୂୟାଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି। ଅନୁଷ୍ଠାନର ମୁଖ୍ୟ ଟ୍ରଷ୍ଟି ଦେବେନ୍ଦ୍ର ନାଥ ଭୁୟାଁ ମୁଖ୍ୟଅତିଥି, ଶିକ୍ଷାବିତ ପ୍ରଦୀପ କୁମାର ପ୍ରଧାନ ମୁଖ୍ୟବକ୍ତା ଏବଂ କନକାଞ୍ଜଳି ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ



ଥିଲେ। ଅନୁଷ୍ଠାନର ସମ୍ପାଦକ ଦେବିଦତ୍ତ ଭୂୟାଁ ମଞ୍ଚ ଆହ୍ୱାନ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନ ଗୁରୁମା ଦେବୀପ୍ରଭା ଭୂୟାଁ ଧନ୍ୟବାଦ୍ ଅର୍ପଣ କରିଥିଲେ। ସଞ୍ଜୟ ଶତପଥୀ, ଜିଜ୍ଞାସା ପାଣିଗ୍ରାହୀ, ଶୁଭଶ୍ରୀ ଜେନା, ତୁଳସୀ ସିଂ, ଲିସା ପ୍ରମାଣିକ, ମୋନାଲିସା ମହାନ୍ତି, ମାନସୀ ଦାସ ପ୍ରମୁଖ ଗୁରୁଜୀଗୁରୁମା ସହଯୋଗ କରିଥିଲେ।

**ସାତ ମାସ ହେଲା ଅଙ୍ଗନବାଡ଼ି ଆସୁନାହାନ୍ତି କର୍ମୀ**

## କାରଣଦର୍ଶାଅ ନୋଟିସ୍ ଦେଇ ସିଡିପିଓ ଚୁପ୍

**ରାଇବଣିଆ, ୧୪।୨(ସମିସ) :** ଜଳେଶ୍ୱର ଶିଶୁ ମଙ୍ଗଳ ସମାଜ କଲ୍ୟାଣ ଅଧିକାରିଣୀ କାର୍ଯ୍ୟାଳୟଠାରୁ ମାତ୍ର ୧୦୦ ମିଟର ଦୂରରେ ଅବସ୍ଥିତ ଜଳେଶ୍ୱର ପୌରପାଳିକା ୧୦ ନମ୍ବର ୱାର୍ଡ ଜେନା ସାହିର ଅଙ୍ଗନବାଡ଼ି କେନ୍ଦ୍ର। ଏଠାକାର କର୍ମୀ ସୁକାନ୍ତି ପ୍ରିୟଦର୍ଶିନୀ ସିଂହ ଆଜକୁ ସାତ ମାସ ଧରି କେନ୍ଦ୍ରରେ ପାଦ ନ ଥାପି ମଧ୍ୟ କାଗଜ କଲମରେ ଉପସ୍ଥିତି ଦର୍ଶାଇ ଘରେ ରହି ସହାୟିକା ମାଧ୍ୟମରେ ଚଲାଇଛନ୍ତି କେନ୍ଦ୍ର ଓ ସାଥ ଦେଇଛନ୍ତି ସୁପରଭାଇଜର ଶ୍ରଦ୍ଧାଞ୍ଜଳି ଭାରତୀ। ବିନା ଛୁଟି ଦରଖାସ୍ତରେ ସାତ ମାସ ଧରି ଆସୁ ନ ଥିବାର ଖବର ପ୍ରସାରଣ ପରେ ଜଳେଶ୍ୱର ସିଡିପିଓ ଚମ୍ପାମଣି ମୁର୍ମୁ ଉକ୍ତ କେନ୍ଦ୍ରର କର୍ମୀ ସୁକାନ୍ତି ପ୍ରିୟଦର୍ଶିନୀ ସିଂହଙ୍କୁ ଚିଠି ନମ୍ବର୍ ୧୩୬୨/୭-୨-୨୦୨୫ ମୂଳେ ଏକ କାରଣଦର୍ଶାଅ ନୋଟିସ୍ ଦେଇ ଚୁପ୍ ବସିଛନ୍ତି। ସେଠାରେ ପିଲାମାନେ ରନ୍ଧାଖାଦ୍ୟ ବଦଳରେ ଚୁଡ଼ା ବିସ୍କୁଟ ଖାଇ ଘରକୁ ଫେରୁଛନ୍ତି। ଏ ନେଇ ଜିଲ୍ଲା ଶିଶୁ ବିକାଶ କଲ୍ୟାଣ ଅଧିକାରୀ ଗୌରୀ ନାୟକଙ୍କୁ ପଚାରିବାରୁ ସେ କହିଥିଲେ କି ଖୁବ୍‌ଶୀଘ୍ର ଦତନ୍ତ କରି କର୍ମୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ମହେଶପୁରରେ ପିତୃମାତୃ ପୂଜନ ଦିବସ

**ଭୋଗରାଇ,୧୪।୨(ସମିସ):** ଭୋଗରାଇ ବ୍ଲକ ମହେଶପୁର ପଞ୍ଚାୟତ ପରିସରରେ ଏକ ନିଆରା ପରମ୍ପରାରେ ପିତୃ ମାତୃ ପୂଜନ ଦିବସ ପାଳିତ ହୋଇଯାଇଛି। ସରପଞ୍ଚ ବରେନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୃଦ୍ଧ ବାପ ମା'ଙ୍କୁ ଧୂପ ଦୀପ ଫୁଲ ଚନ୍ଦନ ଦେଇ ସମ୍ବର୍ଦ୍ଧିତ ପଞ୍ଚାୟତର ଅଙ୍ଗନବାଡ଼ି କର୍ମୀ, ସିଆର୍‌ପି, ଏମ୍‌ବିକେ ଓ ସମସ୍ତ ୱାଡର୍ ସଭ୍ୟ ସଭ୍ୟା ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହିପରି ପ୍ରତେକ ପରିବାରର ମାଁ ବାପାଙ୍କୁ ପୂଜା କରିବା ସହିତ ସେମାନଙ୍କର ଭଲ ମନ୍ଦ ବୁଝି ସୁଖ ଦୁଃଖରେ ସହଯୋଗ କରିଲେ ସାରା



କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୭୦ ଜଣ ବାପା ମା' ସାମିଲ ହୋଇଥିଲେ। ଦେଶରେ ଜରାଶ୍ରମ ରୁହନ୍ତା ନାହିଁ ବୋଲି ବୃଦ୍ଧ ବାପା ମା'ମାନେ କହିଥିଲେ।

## ଭୋଗରାଇ ଏନ୍‌ପିଏସ୍ ସଂଘର କର୍ମକର୍ତ୍ତା ଚୟନ



**କମର୍ଦ୍ଦା, ୧୪।୨ (ସମିସ):** ଭୋଗରାଇ ବ୍ଲକ ନୂତନ ପେନସନ ଯୋଜନା ଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ଥାନା ଛକ ସ୍ଥିତ ୟୁଜିୟୁପି ଶିକ୍ଷକ ଭବନ ଠାରେ ସାମ୍ବିଧାନିକ ସମ୍ମିଳନୀ ଓ ସଂଘ ପୁନର୍ଗଠନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କର୍ମକର୍ତ୍ତା ଚୟନ କରା ଯାଇଥିଲା। ପର୍ଯ୍ୟବେକ୍ଷକ ଭାବେ ନଟରଞ୍ଜନ ଘଡାଇ, ପ୍ରଶାନ୍ତ ମହାନ୍ତି ଓ ବାଲଗୋପଲ୍ ଉପସ୍ଥିତ ଥିଲେ। ଏହି ପ୍ରକ୍ରିୟାକୁ ଉପଦେଷ୍ଟା କମିଟି ର ମୁଖ୍ୟ ଜାକିର ହୁସେନ ସାହା ପରିଚାଳନା କରୁଥିଲେ। କମିଟିର ମହାସଚିବ ଭାବେ ରମେଶ ଚନ୍ଦ୍ର ସୁର, ଆବାହକ ଦେବେନ୍ଦ୍ର କୁମାର ଜେନା, ମୁଖ୍ୟ ସଚେତକ ଭାବେ ସୁଶାନ୍ତ ବେହେରା ମନୋନୀତ ହୋଇଛନ୍ତି। ସଙ୍ଘର ସଭାପତି ଭାବେ ବଂଶୀଧର ମଝି ଓ ସମ୍ପାଦକ ଭାବେ ଅଶୋକ ସାହୁ, ସାଂଗଠାନିକ ସମ୍ପାଦକ ବିଶ୍ୱମ୍ବର ଗିରି, କାର୍ଯ୍ୟକାରୀ ସଭାପତି ଭାବେ ରତନ ଦତ୍ତ, ବିଜୟ କୁମାର ଦାସ, ଅବନ୍ତି ଜେନା, ସଞ୍ଜୀବ କୁମାର ଜେନା, ମଧୁସ୍ମିତା ମହାପାତ୍ର, ସଞ୍ଜୟ ଗିରି ଚୟନ ହୋଇଛନ୍ତି। ଉପସଭାପତି ଭାବେ ରଞ୍ଜନ ଜେନା, ପ୍ରଦୀପ ଟୁଡୁ, ଶକ୍ତିପଦ କର, ତାପସ ପାତ୍ର, ରବୀନ୍ଦ୍ର ପ୍ରଧାନ ଚୟନ ହୋଇଛନ୍ତି, ଯୁଗ୍ମ ସମ୍ପାଦକ ଅମିତା ଜେନା, ନନ୍ଦ ଦୁଲାଲ ପ୍ରଧାନ, ଅଭିଜିତ ସେନାପତି, ଆରତୀ ନାୟକ, ଶିବଶଙ୍କର ସାହୁ, କୋଷାଧ୍ୟକ୍ଷ ଭାବେ କବିତା ଜେନା, ସୁଧାଂଶୁ ଶେଖର ପାତ୍ର, ଅଡିଟର ଭାବେ ଜନାର୍ଦ୍ଦନ ବାରିକ, ବିନଦ ବିହାରୀ ସିଂ, ଦଶରଥ ଜେନା, ମିଡିଆ କୋର୍ଡିନେଟର ଭାବେ ଚକ୍ରଧର ଭୂୟାଁ ଓ ଚନ୍ଦନ କୁମାର ଦାସ ମନୋନୀତ ହୋଇଛନ୍ତି। ଏହି କମିଟିକୁ ନିୟନ୍ତ୍ରଣ କରିବା ପାଇଁ ଏକ ଆପେକ୍ସ କମିଟି ଗଠନ କରାଯାଇଛି।

## ରଣସିଂହପୁର ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ




**ଚନ୍ଦନେଶ୍ୱର,୧୪।୨(ସମିସ) :** ଭୋଗରାଇ ବ୍ଲକ କାନ୍ଠିଥଉଡ଼ାଁରୀ ପଞ୍ଚାୟତ ଅଧୀନ ରଣସିଂହପୁର ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବକୁ ସମାଜସେବୀ ଶ୍ରୀହରି ଜେନା ଉଦ୍‌ଘାଟନ କରିଥିଲେ । ଏ ନେଇ ଆୟୋଜିତ ସଭାକୁ ପ୍ରଧାନ ଶିକ୍ଷକ ଦେବବ୍ରତ ଜେନା ସଂଚାଳନ କରିଥିଲେ। ମୁଖ୍ୟଅତିଥି ଭାବେ ଭୋଗରାଇ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ କୀର୍ତ୍ତି କୁମାର ମହାପାତ୍ର, ମୁଖ୍ୟବକ୍ତା ଶିକ୍ଷାବିତ ସୁବାସ ଦାସ, ସମ୍ମାନିତ ଅତିଥି ଅବସରପ୍ରାପ୍ତ ଶିକ୍ଷକ ଶମ୍ଭୁନାଥ ଜେନା, ଅବସରପ୍ରାପ୍ତ ଶିକ୍ଷକ ଧନଞ୍ଜୟ ପାତ୍ର, ପ୍ରାକ୍ତନ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ତଥା ଅବସରପ୍ରାପ୍ତ ଶିକ୍ଷକ ସୀତାରାମ ବାରିକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କୃତ୍ତିବାସ ସୁର, ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ତଥା ପ୍ରଧାନ ଶିକ୍ଷକ ପଦ୍ମଲୋଚନ ମାଝୀ, କାନ୍ଠିଥଉଡ଼ାଁରୀ ସରପଞ୍ଚ କିରଣବାଳା ଜେନା, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି କାଳିଚରଣ ଜେନା, ୱାର୍ଡମେମ୍ବର ରବୀନ୍ଦ୍ର ସାହୁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସମୀର କୁମାର ଦାସ, ବିଶିଷ୍ଟ ସମାଜସେବୀ ବଳରାମ ପାତ୍ର, ଭଗିରଥ ଚନ୍ଦ, ରଣସିଂହପୁର କଲଚୁରାଲ କ୍ଲବର ସଭାପତି ଭୁବନ ଚନ୍ଦ୍ର ପାତ୍ର ପ୍ରମୁଖ ଯୋଗଦେଇ ଛାତ୍ର ଛାତ୍ରୀଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ଦେଇଥିଲେ। କନିଷ୍ଠ ଶିକ୍ଷୟିତ୍ରୀ ସ୍ମୃତିପ୍ରଜ୍ଞା ବେହେରା ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମଧୁସ୍ମିତା ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ। ଦୁଇ ପ୍ରତିଭା ସୀତାରାମ ବାରିକ ଓ ସୁବାସ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



**କମର୍ଦ୍ଦା, ୧୪।୨ (ସମିସ):** ଭୋଗରାଇ ବ୍ଲକ ଅନ୍ତର୍ଗତ ଆରୁହାବୃର୍ତ୍ତି ନଂ-୧ ଗ୍ରାମପଞ୍ଚାୟତ ଅଧିନସ୍ଥ ମନୁନଗର ନୋଡାଲ ଉ:ପ୍ରା ବିଦ୍ୟାଳୟ ପରିସରରେ ଆଜି ବାର୍ଷିକ ଉତ୍ସବ ଏବଂ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବକୁ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ମନୋରଞ୍ଜନ ପରିଡ଼ାଙ୍କ ସଭାପତିତ୍ୱ କରିଥିବାବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କାହ୍ନୁଚରଣ ବେହେରା ସ୍ୱାଗତ ଭାଷଣ ଏବଂ ମଞ୍ଚ ପରିଚାଳନା କରିଥିଲେ। ଉକ୍ତ ଉତ୍ସବରେ ମୁଖ୍ୟଅତିଥି ଭାବେ ଗ୍ରାମ ସଭାପତି ରାମଚନ୍ଦ୍ର ଜେନା, ମୁଖ୍ୟବକ୍ତା ଭାବେ ଦହମୁଣ୍ଡା ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ପବନ ବେହେରା, ସମ୍ମାନିତ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ଗୀତାରାଣୀ ଜେନା, ପ୍ରଧାନଶିକ୍ଷକ ସଞ୍ଜୟ କୁମାର ଗିରି, ଯୁବସଙ୍ଗଠକ ବ୍ରଜକିଶୋର ପାଳ, ମନୋଜ ବାରିକ, କାର୍ତ୍ତିକ ବେହେରା, ଶିକ୍ଷକ ସେକ୍ ଅବୁଲ, ଶିକ୍ଷକ ସୁଧାଂଶୁ ଶେଖର ରଣା, ଶିକ୍ଷୟିତ୍ରୀ ସୁଖଦା ପାଣିଗ୍ରାହୀ, ଗୀତାରାଣୀ ଦଣ୍ଡପାଟ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷକ ପ୍ରଦୀପ ଆଚାର୍ଯ୍ୟ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ ସମାଜସେବୀ ଅଜିତ ପାଳ ଅତିଥି ପରିଚୟ ପ୍ରଦାନ ଏବଂ ଶିକ୍ଷୟିତ୍ରୀ ରୁହିଣୀବାଳା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ସଭାଶେଷରେ ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ପ୍ରଶଂସା ପତ୍ର ଓ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ସନ୍ତୋଷୀ ମାତାଙ୍କ ବାର୍ଷିକ ପୂଜୋତ୍ସବ

**ଭୋଗରାଇ,୧୪।୨(ସମିସ):** ଭୋଗରାଇ ବ୍ଲକ ଅନଳିଆ ପଞ୍ଚାୟତ ଅନ୍ତର୍ଗତ ନୂଆହାଟ ଠାରେ ସନ୍ତୋଷୀ ମାତା ମନ୍ଦିରରେ ୪୪ ତମ ସାର୍ବଜନୀନ ସନ୍ତୋଷୀ ମାତା ପୂଜୋତ୍ସବ ମହାଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ଶାନ୍ତି କଳସ ସ୍ଥାପନ ସହିତ ଷୋଡ଼ଶ ଉପଚାରରେ ମା'ଙ୍କର ପୂଜାର୍ଚ୍ଚନା ହୋଇଥିଲାବେଳେ ହଜାର ହଜାର ମହିଳା ଓ ପୁରୁଷ ଭକ୍ତ ପୂଜାଡାଲା ଅର୍ପଣ ପୂର୍ବକ ପୁଷ୍ପାଞ୍ଜଳି ପ୍ରଦାନ କରିଥିଲେ। ଅପରାହ୍ନରେ ବାର୍ଷିକ ପୂଜା ପରେ ଯଜ୍ଞ ଅନୁଷ୍ଠିତ ହୋଇଥିଲା ବେଳେ ସନ୍ଧ୍ୟାରେ ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା। ଏହି ବାର୍ଷିକୋତ୍ସବ ଉପଲକ୍ଷେ ୮ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ବେଳେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କମିଟିର ପକ୍ଷରୁ ସୂଚନା ମିଳିଛି। ପୂଜା କମିଟିର ସଭାପତି ସୁବାଷ ଜେନା, ଉପସଭାପତି ପ୍ରଦୀପ ସେଠୀ, ସମ୍ପାଦକ ଅଶୋକ ଗିରି, ରାଜକିଶୋର ମହାନ୍ତି, ରବୀନ୍ଦ୍ର ଗିରି, ରଞ୍ଜନ ଗିରି, କାହ୍ନୁଚରଣ ଜେନା, ଗୌରୀଚରଣ ପାଳ, କ୍ଷୁଦିରାମ ମହାନ୍ତି, ଉମେଶ ଗିରି, ମଦନ ପରିଡ଼ା, ମନ୍ମଥ ତୋଳା , ଜଗଦୀଶ ଦାସ,ହରିହର ରାଉଳ, ପୂର୍ଣ୍ଣଚନ୍ଦ୍ର ପାଳ, ସୁଧାଂଶୁ ଶେଖର ଜେନା, ବାପି ମହାନ୍ତି, ସୁବଳ ପାତ୍ର ପ୍ରମୁଖ ପରିଚାଳନା କରୁଛନ୍ତି।

## ରାଜସ୍ୱ ମନ୍ତ୍ରୀଙ୍କୁ ଓୟୁଜେ ପକ୍ଷରୁ ଦାବିପତ୍ର ପ୍ରଦାନ

**ବାଲେଶ୍ୱର,୧୪।୨(ସମିସ):** ଓଡ଼ିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ସ୍ଥାନୀୟ ସର୍କିଟ ହାଉସ ପରିସରରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ରାଜ୍ୟ ସରକାର ସାମ୍ବାଦିକଙ୍କ ପାଇଁ ପେନସନ ବା ଭତ୍ତା ପ୍ରଦାନ କରିବା, ସାମ୍ବାଦିକଙ୍କ ପାଇଁ ସୁରକ୍ଷା ବ୍ୟବସ୍ଥା ଓ ସର୍ବୋପରି ଅଧିସ୍ୱୀକୃତି କମିଟି ନିୟମିତ ବସାଇବା ଆଦି ୩ ଦଫା ସମ୍ବଳିତ ଦାବିପତ୍ର ମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା। ରାଜ୍ୟର ବିଭିନ୍ନ ସ୍ଥାନରେ ସାମ୍ବାଦିକ ମାନଙ୍କ ଉପରେ ଆକ୍ରମଣ ଓ ମିଥ୍ୟା ମାମଲାରେ ଛନ୍ଦି ଦିଆଯାଉଛି ବୋଲି ଦାବିପତ୍ରରେ ମନ୍ତ୍ରୀଙ୍କୁ ଅବଗତ ୟୁନିଅନ ପକ୍ଷରୁ କରାଯାଇଥିଲା। ସାମ୍ବାଦିକଙ୍କ ସୁରକ୍ଷା ପାଇଁ ସରକାର ନୀତିଗତ ନିଷ୍ପତ୍ତି ନେବାକୁ ଓୟୁଜେ ପକ୍ଷରୁ ବାରମ୍ବାର ଦାବି କରାଯାଉଛି। ସେହିପରି ଅଧିସ୍ୱୀକୃତି କମିଟିର ବୈଠକ ଦୀର୍ଘ ବର୍ଷ ଧରି ବସିନଥିବାରୁ ଏହା ସମସ୍ୟା ସୃଷ୍ଟି କରୁଛି ବୋଲି ଓୟୁଜେ ପକ୍ଷରୁ କୁହାଯାଇଥିଲା। ରାଜ୍ୟ ସଂଘ ସଭାପତି ପ୍ରସନ୍ନ ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ ପରେ ଗତକାଲି ରାଜସ୍ୱ ମନ୍ତ୍ରୀଙ୍କୁ ଦିଆଯାଇଥିଲା। ମନ୍ତ୍ରୀ ଶ୍ରୀ ପୂଜାରୀ ଦାବି ଗୁଡ଼ିକ ଉପରେ ନିଜର ମତ ଦେଇ କହିଲେ ଯେ, ସରକାର ସାମ୍ବାଦିକଙ୍କ ଦାବି ଓ ସମସ୍ୟା ପ୍ରତି ଅବଗତ ଅଛନ୍ତି। ଏଥିନେଇ ନିକଟ ଭବିଷ୍ୟତରେ ସରକାର ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି। ଓଡ଼ିଶା ସାମ୍ବାଦିକ ୟୁନିଅନ ପକ୍ଷରୁ ଏହି ଦାବି କରାଯାଇ ଆସୁଥିବା ତାଙ୍କ ନଜରକୁ ଆସିଛି ବୋଲି ସେ କହିଥିଲେ। ସାମ୍ବାଦିକମାନଙ୍କ ଉପରେ ପୂର୍ବରୁ ଥିବା କେତେକ ଅଘୋଷିତ କଟକଣାକୁ ସରକାର ଉଠାଇ ଦେଇଥିବା ବେଳେ ସେମାନଙ୍କ ଦାବି ଯଥାର୍ଥ ହୋଇଥିବାରୁ ତାହା ପୂରଣ କରାଯିବ ବୋଲି ଦୃଢ଼ ପ୍ରତିଶୃତି ଦେଇଥିଲେ। ଓୟୁଜେ ଜିଲ୍ଲା ଶାଖା ସଭାପତି ଗଙ୍ଗାଧର ରାଉତଙ୍କ ନେତୃତ୍ୱରେ ଏହି ଦାବିପତ୍ର ପ୍ରଦାନ ବେଳେ ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ରାମନାରାୟଣ ଶତପଥୀ, ବରିଷ୍ଠ ସଦସ୍ୟ ସୁରେଶ ଚନ୍ଦ୍ର ଦାସ, ପ୍ରସନଜିତ୍ ଆଶ, ଅଜିତ ମହାନ୍ତି, ହାଇଦର ଖାନ, ସୋମନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଜଳେଶ୍ୱର ବ୍ଲକ୍; ୨୨ କେନ୍ଦ୍ରରେ ୩୦୦୨ ପରୀକ୍ଷାର୍ଥୀ

ଜଳେଶ୍ୱର,୧୪।୨ (ସମିସ)

**ମାଟ୍ରିକ ପରୀକ୍ଷା**

ମାଟ୍ରିକ ପରୀକ୍ଷା ଫେବୃଆରୀ ୨୧ରୁ ମାର୍ଚ୍ଚ ୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଜଳେଶ୍ୱର ବ୍ଲକରେ ୫୯ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରହିଛି। ୧୦ମ ଶ୍ରେଣୀରେ ମୋଟ ୩୦୦୨ ଜଣ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେବାକୁ ଥିବା ବେଳେ ଏଥିଲାଗି ୨୦ ଟି ମାଟ୍ରିକ ବୋର୍ଡ ଓ ୨ ଟି ସଂସ୍କୃତ ମଧ୍ୟମା ପରୀକ୍ଷା କେନ୍ଦ୍ର ପ୍ରସ୍ତୁତ କରା ଯାଇଛି। ସେଥି ମଧ୍ୟରୁ ୧୩ ଜଣ ଭିନ୍ନକ୍ଷମ ପରୀକ୍ଷା ଦେବେ। ଏଥି ପାଇଁ ସମସ୍ତ ପ୍ରକାର ସୁବିଧା ସୁଯୋଗର ବ୍ୟବସ୍ଥା କରାଯାଇଛି। ଦେବକୁମାର ଆନନ୍ଦମୟୀ ହାଇସ୍କୁଲ, ଜମାଲପୁର ବିଶ୍ୱନାଥ ଏକାଡେମୀ, ଖୁଆର୍ଡ ଦୀନକୃଷ୍ଣ ନୋଡଲ ହାଇସ୍କୁଲ, ହାତୀଗଡ଼ ହାଇସ୍କୁଲ, ପ୍ରସାଦଶୋଳ ଜଳନ୍ଧର ହାଇସ୍କୁଲ, କଳେଶ୍ୱର ନୋଡାଲ ହାଇସ୍କୁଲ, ଖୁଲୁଡ଼ା ଶୀତଳା ହାଇସ୍କୁଲ, ଲକ୍ଷ୍ମଣନାଥ ନୋଡାଲ ହାଇସ୍କୁଲ, ଏସ ଏନ୍ ନୋଡାଲ ହାଇସ୍କୁ ଛମୌଜ, କମାରଶାଳିଆ ମନୋରଞ୍ଜନ ସୀମାନ୍ତ ହାଇସ୍କୁଲ, ନାମ୍ପୋ ନୋଡାଲ ହାଇସ୍କୁଲ, ଭଣ୍ଡାରପଲି ନୀଳଚକ୍ର ହାଇସ୍କୁଲ, ଓଲମରା ନୋଡାଲ ହାଇସ୍କୁଲ, ମୁଣ୍ଡୁତୁଣିଆ ପି.ସି. ହାଇସ୍କୁଲ, ରାଇବଣିଆ ହାଇସ୍କୁଲ, ରାମକୃଷ୍ଣ ହାଇସ୍କୁଲ ପଶ୍ଚିମବାର୍ଡ଼, ସଦାଶିବ ନୋଡାଲ ବିଦ୍ୟାନିକେତନ ଶାଳିକୋଠା, ଶ୍ରୀ ଶ୍ରୀ ବରାଳ ବାଲୁଙ୍କେଶ୍ୱର ନୋଡାଲ ହାଇସ୍କୁଲ ଶିଖରପୁର, ସୁଗୋ ହାଇସ୍କୁଲ, ସୁରେନ୍ଦ୍ର ନାଥ ହାଇସ୍କୁଲ ପାଳସାହି ଟି ବୋଡର୍ ଦ୍ୱାରା ପରିଚାଳିତ ପରୀକ୍ଷା କେନ୍ଦ୍ର ଓ ଶାଳିକୋଠା ସଂସ୍କୃତ ମହାବିଦ୍ୟାଳୟ ଓ ଜଳେଶ୍ୱର ହାଇସ୍କୁଲ ୨ କେନ୍ଦ୍ରରେ ମାଟ୍ରିକ ମଧ୍ୟମା କେନ୍ଦ୍ର ହେବ ବୋଲି ନୋଡାଲ ଅଫିସର କୁଞ୍ଜ ବିହାରୀ ପ୍ରଧାନ ସୂଚନା ଦେଇଛନ୍ତି। ନୂଆ ବଜାର ସ୍ଥିତ ଜଳେଶ୍ୱର ହାଇସ୍କୁଲରେ ପ୍ରଶ୍ନପତ୍ର ହବ୍ ହେବ ଏବଂ ସେଠାରୁ ପ୍ରତ୍ୟେକ ଦିନ ସମସ୍ତ ପରୀକ୍ଷା କେନ୍ଦ୍ରକୁ ପ୍ରଶ୍ନପତ୍ର ପଠା ଯିବାର ବ୍ୟବସ୍ଥା ହୋଇଛି। କପି ରୋକିବା ପାଇଁ ୪ଟି ସ୍ତରର ବ୍ୟବସ୍ଥା କରାଯାଇଛି। ପରୀକ୍ଷାର୍ଥୀମାନେ ସକାଳ ୭ ଟା ୩୦ ସୁଦ୍ଧା ପରୀକ୍ଷା କେନ୍ଦ୍ରରେ ପହଞ୍ଚିବା ପରେ ୮ ଟା ୩୦ ସୁଦ୍ଧା ଓଏମ୍‌ଆର ସିଟ୍ ପ୍ରଦାନ କରାଯିବ। ୮ ଟା ୪୫ରେ ପ୍ରଶ୍ନପତ୍ର ପିଲାମାନଙ୍କୁ ବଣ୍ଟନ କରାଯିବାକୁ ଥିବା ବେଳେ ପରୀକ୍ଷାର୍ଥୀମାନେ ୯ ଟାରୁ ୧୧.୩୦ ମି. ପର୍ଯ୍ୟନ୍ତ ପରୀକ୍ଷା ଦେବେ। ପରୀକ୍ଷା ସୁପରିଚାଳନା ଓ ସୁଧାର ଆଣିବା ପାଇଁ ଫ୍ଲାଇଂ ସ୍କ୍ୱାର୍ଡ, ଜିଲ୍ଲା ସ୍କ୍ୱାର୍ଡ ଓ ବୋର୍ଡ ସ୍କ୍ୱାର୍ଡ ବ୍ୟବସ୍ଥା ହୋଇଛି। କେତେକ ପରୀକ୍ଷା କେନ୍ଦ୍ରରେ ଏଆଇ କ୍ୟାମେରା ମଧ୍ୟ ବ୍ୟବସ୍ଥା କରାଯାଇଛି। ଜିଲ୍ଲାରେ ୧୮୮ଟି ପରୀକ୍ଷା କେନ୍ଦ୍ରରେ ୩୧୦୪୪ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ ବୋଲି ଜଣାଯାଇଛି।

## ସାମ୍ବାଦିକଙ୍କୁ ପ୍ରେସ୍ କାର୍ଡ ବଣ୍ଟନ



**ନାରଦପୁର,୧୪।୨(ସମିସ):** ଝୁମ୍ପୁରା ବ୍ଲକ ଅନ୍ତର୍ଗତ ନାରଦପୁର ପ୍ରେସ କ୍ଲବଠାରେ ଆଜି କେନ୍ଦୁଝର ଜିଲ୍ଲା ସାମ୍ବାଦିକ ସଂଘ ପକ୍ଷରୁ ପ୍ରେସ କାର୍ଡ ବଣ୍ଟନ କରାଯାଇଛି। ଏଥିରେ ଓୟୁଜେ ଜିଲ୍ଲା ସଭାପତି କ୍ଷେତ୍ରବାସୀ ମହାକୁଡ ସାମ୍ବାଦିକଙ୍କର ପେନସନ, ସୁରକ୍ଷା ତଥା ଆକ୍ରିଡେସନ୍ ଦାବି କରିବା ପାଇଁ ସମସ୍ତଙ୍କୁ ଅନୁରୋଧ କରିଥିଲେ। ଯୋଡ଼ା, ଝୁମ୍ପୁରା ଓ ଚମ୍ପୁଆ ବ୍ଲକରେ ରହିଥିବା ସାମ୍ବାଦିକ ସଂଘର ସଦସ୍ୟଙ୍କୁ ପ୍ରେସ କାର୍ଡ ମିଳିଛି। କାର୍ଯ୍ୟକ୍ରମକୁ ନାରଦପୁର ପ୍ରେସ କ୍ଲବ ସଭାପତି କିଶୋର କୁମାର ନାଏକ ପରିଚାଳନା କରିଥିଲେ।

## ଦୁଷ୍କର୍ମ ଉଦ୍ୟମ; ଯୁବକ ଗିରଫ



**ରାମଚନ୍ଦ୍ରପୁର, ୧୪।୨(ସମିସ):** କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ପୁରୁଣାବାନ୍ଧଗୋଡା ପଞ୍ଚାୟତ ନାନିକାବାହାଲି ଆଦିବାସୀ ବସ୍ତିରେ ରହୁଥିବା ଜଣେ ବିବାହିତ ମହିଳାଙ୍କୁ ଗତରାତିରେ ସେହି ଗ୍ରାମର ମଥୁରାମ୍ ମୁଣ୍ଡା (୪୫) ଦୁଷ୍କର୍ମ ଉଦ୍ୟମ କରିଥିବା ଅଭିଯୋଗ ହୋଇଥିଲା। ଘଟଣାସ୍ଥଳରୁ ଅଭିଯୁକ୍ତ ଚମ୍ପଟ ମାରିଥିଲା ବେଳେ ତହିଁ ପରଦିନ ମହିଳା ଜଣକ ଥାନାରେ ପହଞ୍ଚି ଏତଲା ପ୍ରଦାନ କରିଥିଲେ। ରାମଚନ୍ଦ୍ରପୁର ପୁଲିସ ଏକ ମାମଲା ରୁଜୁକରି ସେହି ଗ୍ରାମର ମଥୁରାମକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ମହିଳାଙ୍କ ଡାକ୍ତରୀ ମାଇନା କରାଇ ପୁଲିସ ଅଧିକ ତଦନ୍ତ ଜାରି ରଖିଛି।

## ଜଳିଗଲା ୨ ବଖରା

**ହାଟଡ଼ିହୀ,୧୪।୨(ସମିସ):** ସୋସୋ ଥାନା ପୁରୁଣାପାଣିଠାରେ ଅଗ୍ନିକାଣ୍ଡ ଘଟି ୨ ବଖରା ଘର ସମ୍ପୂର୍ଣ୍ଣ ଜଳିଯାଇଛି। ଗ୍ରାମର କାଠି ଶଙ୍ଖୁଆଳଙ୍କ ଘରେ ଅଗ୍ନିକାଣ୍ଡ ଘଟିଥିବା ବେଳେ ପୂର୍ବ ଶତ୍ରୁତାରୁ ଜଣେ ସମ୍ପର୍କୀୟ ଏଭଳି କାଣ୍ଡ ଘଟାଇଥିବା ନେଇ କାଠି ଶଙ୍ଖୁଆଳ କହିଛନ୍ତି। ହାଟଡ଼ିହୀ ଅଗ୍ନିଶମବାହିନୀ ନିଆଁକୁ ଆୟତ୍ତ କରିଥିଲେ ସୁଦ୍ଧା କାଠିଙ୍କ ଯାବତୀୟ ଘରୋଇ ଉପକରଣ ପୋଡ଼ି ନଷ୍ଟ ହୋଇଯାଇଛି। କାଠିଙ୍କୁ ସହାୟତାର ହାତ ବଢ଼ାଇବାକୁ ସେ ନିବେଦନ କରିଥିବା ବେଳେ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ ଦାବି କରିଛନ୍ତି। ଏନେଇ କାଠି ଥାନାରେ ଆସନ୍ତାକାଲି ଅଭିଯୋଗ କରିବେ ବୋଲି କହିଛନ୍ତି।

## ମତ୍ସ୍ୟଚାଷୀ ବିଶ୍ୱନାଥ ସମ୍ବର୍ଦ୍ଧିତ



**ରାମଚନ୍ଦ୍ରପୁର, ୧୪।୨(ସମିସ):** ରାଜ୍ୟସ୍ତରୀୟ ମତ୍ସ୍ୟ-ପ୍ରାଣୀ ସମାବେଶ ମେଳା ଆଜିଠାରୁ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଖେଳ ପଡିଆରେ ଆରମ୍ଭ ହୋଇଛି। ଏଥିରେ କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ ଶୈଳଙ୍ଗ ଗ୍ରାମର ଅଗ୍ରଣୀ ମତ୍ସ୍ୟଚାଷୀ ବିଶ୍ୱନାଥ ସାହୁଙ୍କୁ ଜିଲ୍ଲାର ଶ୍ରେଷ୍ଠ ମତ୍ସ୍ୟ ଯାଆଁଳ ଚାଷୀ ଭାବେ ସମ୍ବର୍ଦ୍ଧିତ କରାଯାଇଛି। ବିଶ୍ୱନାଥ ୮ଟି ପୋଖରୀରେ ବର୍ଷକୁ ୫୦ କୁଇଣ୍ଟାଲରୁ ଅଧିକ ମାଛ ଯାଆଁଳ ସହ ୨୫ରୁ ୩୦ କୁଇଣ୍ଟାଲ ମାଛ ବିକ୍ରି କରି ନିଜେ ସ୍ୱାବଲମ୍ବୀ ହେବା ସହ ୭ରୁ ୮ ଜଣ ଲୋକଙ୍କୁ ଏହି କାର୍ଯ୍ୟରେ ନିୟୋଜିତ କରି ରୋଜଗାରକ୍ଷମ କରିପାରିଛନ୍ତି। ବିଶ୍ୱନାଥଙ୍କ ସଫଳତା ପାଇଁ ଜିଲ୍ଲା ମତ୍ସ୍ୟାଧିକାରୀ ଦେବବ୍ରତ ସାମଲ ଏବଂ ଘସିପୁରା ସହକାରୀ ମତ୍ସ୍ୟାଧିକାରୀ ପାବନୀ ଆଚାର୍ଯ୍ୟ ଶୁଭେଚ୍ଛା ଜଣାଇଛନ୍ତି।

## କାର୍-ଫରଚୁନର ମୁହାଁମୁହିଁ ଧକ୍କା

**ତୁରୁମୁଙ୍ଗା, ୧୪।୨(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା-ପିପିଳିଆ ରାସ୍ତାର ସ୍ୱାମ୍ ବାଙ୍କ ନିକଟରେ ଶୁକ୍ରବାର ମଧାହ୍ନରେ ଏକ ଫରଚୁନର ସହ ବୋଲେରୋର ମୁହାଁମୁହିଁ ଧକ୍କା ହେବା ଫଳରେ ଜଣେ ଗୁରୁତର ହୋଇ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର ହୋଇଛନ୍ତି। ଗୁରୁତର ଜଣକ ହେଲେ ବୋଲେରୋ ଡ୍ରାଇଭର ରୂଢିଆପଡ଼ା ଗାଁର ହୃଷୀକେଶ ମହାନ୍ତ। ସୂଚନା ଅନୁସାରେ କେନ୍ଦୁଝର ମୁଖ୍ୟାଳୟ ସାମନ୍ତରାପୁରର କମଳଲୋଚନ ମିଶ୍ର ଫରଚୁନର କାରରେ ପ୍ରୟୋଗରାଜରୁ କେନ୍ଦୁଝରକୁ ଫେରୁଥିବା ସମୟରେ ବିପରୀତ ଦିଗରୁ ବୃନ୍ଦାବନପୁର ପିକ୍ନିକ ଭୋଜି ଖାଇ ମଲ୍ଲିପଶିକୁ ବୋଲେରୋ ଫେରିବା ସମୟରେ ଧକ୍କା ହୋଇଥିଲା। ଫରଚୁନରରେ ୪ ଜଣ ଥିବା ବେଳେ ବୋଲେରୋରେ ୩ ଜଣ ଯାତ୍ରୀ ଥିଲେ। ଘଟଣାସ୍ଥଳରେ ପାଟଣା ଥାନା ପୁଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଦୁଇ ଗାଡିକୁ ଜବତ କରି ଥାନାକୁ ଆଣି ତଦନ୍ତ ଜାରି ରଖିଛି।



### ଅନାସ୍ଥା ଭୋଟ୍‌ରେ ହାରି ପଦ ହରାଇଲେ ପାଟଣା ବ୍ଲକ୍ ଅଧ୍ୟକ୍ଷା

# କାମଚଳା ଅଧ୍ୟକ୍ଷା ହେଲେ ବୀଣାପାଣି ନାଏକ

**ତୁରୁମୁଙ୍ଗା, ୧୪।୨(ସମିସ)**

କେନ୍ଦୁଝର ଜିଲ୍ଲା ପାଟଣା ନିର୍ବାଚନମଣ୍ଡଳୀ ପାଟଣା ବ୍ଲକ ଅଧ୍ୟକ୍ଷା ସୁକାନ୍ତି ନାଏକଙ୍କ ବିପକ୍ଷରେ ଅନାସ୍ଥା ଭୋଟ୍ ପଡ଼ିଛି। ଫଳସ୍ୱରୂପ ସେ ନିଜ ପଦ ହରାଇଥିଲା ବେଳେ ନୂଆ ଅଧ୍ୟକ୍ଷା ଭାବେ ଉପାଧ୍ୟକ୍ଷା ଥିବା ବୀଣାପାଣି ନାଏକଙ୍କୁ ଦାୟିତ୍ୱ ଦିଆଯାଇଛି।

ସୂଚନା ଅନୁସାରେ, ମନମୁଖୀ କାର୍ଯ୍ୟ ସାଙ୍ଗକୁ ପଞ୍ଚାୟତସମିତିର ଉନ୍ନୟନ କାର୍ଯ୍ୟରେ ନିର୍ବାଚିତ ସମିତିସଭ୍ୟଙ୍କୁ ଅଣଦେଖା କରୁଥିବା ନେଇ ବ୍ଲକର ୨୦ଟି ପଞ୍ଚାୟତ ମଧ୍ୟରୁ ୧୪ ଜଣ ସମିତିସଭ୍ୟ ଉପଜିଲ୍ଲାପାଳ ଉମାଶଙ୍କର ଦଳେଇଙ୍କ ନିକଟରେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ। ଗତ ଜାନୁଆରୀ ୪ ତାରିଖରେ ପାଟଣା ପଞ୍ଚାୟତସମିତି ସଭାଗୃହରେ ୩୪ ଜଣ ସଦସ୍ୟଙ୍କ ମତଦାନ କରିଥିଲେ। ବ୍ଲକ ଅଧ୍ୟକ୍ଷା ସୁକାନ୍ତି ନାଏକ ନିଜ ପଦ ବଞ୍ଚାଇବାକୁ ମାନ୍ୟବର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥଲେ। ତାଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବର ମତଦାନ ଫଳାଫଳକୁ ଜାନୁଆରୀ ୧୭ ତାରିଖ ଯାଏ



ସ୍ଥଗିତ ରଖିବାକୁ ମାନ୍ୟବର ହାଇକୋର୍ଟଙ୍କ ନିର୍ଦ୍ଦେଶ ଦେଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଫେବୃଆରୀ ୧୪ ତାରିଖରେ ଫଳାଫଳ ଘୋଷଣା କରିବା ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ, ଶୁକ୍ରବାର କଡ଼ା ସୁରକ୍ଷା ମଧ୍ୟରେ ଭୋଟ ଗଣତି କରାଯାଇଥିଲା। ପ୍ରିଜାଇଡିଂ ଅଫିସର ଦାୟିତ୍ୱରେ ଥିବା ସାହାରପଡା ବିଡ଼ିଓ ରଣଜିତ ମହାନ୍ତ ଫଳାଫଳ ଘୋଷଣା କରିଛନ୍ତି। ଅନାସ୍ଥା ସପକ୍ଷରେ ୩୩ ଖଣ୍ଡ ଭୋଟ ପଡିଥିବା ବେଳେ ବିପକ୍ଷରେ ଗୋଟିଏ ଭୋଟ ପଡିଥିବାରୁ ବ୍ଲକ ଅଧ୍ୟକ୍ଷା ହାରି ପଦ ହରାଇଥିବା ସହ ବର୍ତ୍ତମାନ ଉପାଧ୍ୟକ୍ଷା ବୀଣାପାଣି ନାଏକ କାମଚଳା ବ୍ଲକ ଅଧ୍ୟକ୍ଷା ରହିବେ ବୋଲି ପ୍ରିଜାଇଡିଂ ଅଫିସର ତଥା ସାହାରପଡା ବିଡ଼ିଓ ରଣଜିତ ମହାନ୍ତ କହିଛନ୍ତି। ଭୋଟ ଗଣତି ପ୍ରକ୍ରିୟାରେ ନିର୍ବାଚନ ଅଧିକାରୀ ଭାବେ ସାହାରପଡ଼ା ବିଡ଼ିଓ ଶ୍ରୀ ମହାନ୍ତଙ୍କ ସହ ପାଟଣା ତହସିଲଦାର ଲୀଳାବତି ନାୟକ, ପାଟଣା ବିଡିଓ ମାନସ କୁମାର ଦଣ୍ଡପାଟ, ଘଟଗାଁ ଏବିଡିଓ ଚିତ୍ତରଞ୍ଜନ ନାୟକ, ଜିପିଡିଓ ରଶ୍ମିରେଖା ମହାନ୍ତି, ଘଟଗାଁ ଏସଡିପିଓ ପ୍ରଭାତ କୁମାର ତ୍ରିପାଠୀ, ପାଟଣା ଥାନାଧିକାରୀ ମାନସ କୁମାର ମହାକୁଡ଼ଙ୍କ ସହ ୧ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ହୋଇଥିଲେ।

## ଶିଶୁ ମନ୍ଦିରରେ ମାତୃପିତୃ ପୂଜନ ଦିବସ





**ଚମ୍ପୁଆ/ତୁରୁମୁଙ୍ଗା, ୧୪।୨(ସମିସ):** ଚମ୍ପୁଆ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ଯୋଗ ବେଦାନ୍ତ ସମିତି ଆନୁକୂଲ୍ୟରେ ମାତୃ-ପିତୃ ପୂଜନ ଦିବସ ପାଳିତ ହୋଇଯାଇଛି। ଯୋଗ ବେଦାନ୍ତ ସମିତିର ଜିଲ୍ଲା ପ୍ରଭାରୀ ଚନ୍ଦ୍ରାବତୀ ମହାନ୍ତ, ସହଯୋଗୀ ଜେନାମଣି ମୁଣ୍ଡା ଓ ଡଲିସ୍ମିତା ମହାନ୍ତ ଯୋଗ ଦେଇଥିଲେ। ପ୍ରଭାରୀ ଶ୍ରୀମତୀ ମହାନ୍ତ ଛାତ୍ରଛାତ୍ରୀମାନଙ୍କୁ ମାତା ପିତାଙ୍କୁ ପୂଜନ ଓ ଭକ୍ତି କରିବାର ସୁପରିଣାମ ବିଷୟରେ ମାର୍ଗଦର୍ଶନ କରିଥିଲେ। ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଓ ମାତାପିତା ଉପସ୍ଥିତ ଥିଲେ। ଆଚାର୍ଯ୍ୟ ସରୋଜ କୁମାର ପାତ୍ର, ସରଳା ପ୍ରଧାନ, ପ୍ରିୟଦର୍ଶିନୀ ଗିରି, ପଲ୍ଲିଶ୍ରୀ ଭାର୍ଗବୀ ପ୍ରଧାନ, ସୁଜାତା ଦାସ, ଗୀତାରାଣୀ ମହାନ୍ତ, ଅରୁଣ କୁମାର ଜେନା ଓ ଅନ୍ୟମାନେ ସହଯୋଗ କରିଥିଲେ। ତୁରୁମୁଙ୍ଗା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଛାତ୍ରଛାତ୍ରୀମାନେ ପିତୃମାତୃ ଦିବସ ପାଳନ କରିଛନ୍ତି। ନିଜର ପିତାମାତା, ଗୁରୁଜନଙ୍କ ପାଦ ଧୋଇ ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି ଉତ୍ସବରେ ପିତାମାତା, ବିଶେଶକରି ମା'ଙ୍କୁ ସମାଜରେ ସମ୍ମାନ ଓ ସମ୍ମାନର ମହତ୍ତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟ ରଖାଯାଇଛି। ସମସ୍ତ ଗୁରୁଜୀ ଗୁରୁମା, ସେବକ ସେବିକା ସହଯୋଗ କରିଥିବା ବେଳେ ଶିଶୁ ବିଦ୍ୟା ମନ୍ଦିରଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଅନେକଙ୍କୁ ଉତ୍ସାହିତ କରିବା ସହ ପ୍ରେରଣାଦାୟୀ ହେବ ବୋଲି ସ୍ଥାନୀୟ ବୁଦ୍ଧିଜୀବୀମାନେ ନିଜ ମତ ରଖିଛନ୍ତି।

## ଭଗାନଈ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ




**ରାମଚନ୍ଦ୍ରପୁର, ୧୪।୨(ସମିସ):** ଘସିପୁରା ବ୍ଲକ ଅନ୍ତର୍ଗତ ମଦନପୁର ପଞ୍ଚାୟତ ଭଗାନଈ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ୫ତମ ବାର୍ଷିକ ଉତ୍ସବ ପାଳନ କରାଯାଇଛି। ଏହି ଅବସରରେ ଦୁଇ ପ୍ରକୃତିପ୍ରେମୀ ବଂଶୀଧର ବେହେରା ଏବଂ ପାଗଳ ସାମଲଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା କରାଯାଇଛି। ପ୍ରଧାନଶିକ୍ଷକ ମୁରଲୀଧର ଜେନାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଏବିଇଓ ମୁକୁନ୍ଦ ଚରଣ ସାହୁ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ମଧୁସୂଦନ ସାହୁ, ମଦନପୁ କ୍ଲଷ୍ଟରର ସିଆରସିସି ରମେଶଚନ୍ଦ୍ର ସାହୁ, ଶିକ୍ଷାବିତ୍ ନଟବର ସାହୁ, ସହକାରୀ ଶିକ୍ଷକ କୁଶଭଦ୍ର ସାହୁ ପ୍ରମୁଖ ଅଭିଭାଷଣ ପ୍ରଦାନ କରିଥିଲେ। ବାର୍ଷିକ କ୍ରୀଡ଼ାରେ ବିଦ୍ୟାଳୟ ଛାତ୍ର ସରୋଜ କୁମାର ସାହୁ ଏବଂ ଛାତ୍ରୀ କ୍ରିଷ୍ଣା ପ୍ରିୟଦର୍ଶିନୀ ସାମଲ ଚାମ୍ପିଅନ ହୋଇ ପୁରସ୍କୃତ ହୋଇଥିଲେ। ବିଭିନ୍ନ ପ୍ରକାର ନାଚଗୀତ ସହ ପୁଲୱାମା ସହିଦଙ୍କ ଉଦ୍ଦେଶ୍ୟରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସନ୍ଧ୍ୟାରେ ନାଟକ ଅନୁଷ୍ଠିତ ହୋଇଥିଲା। କ୍ରୀଡା ଶିକ୍ଷକ ଯୁଧିଷ୍ଠିର ମୁଦୁଲିଙ୍କ ସଂଯୋଜନାରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଆନନ୍ଦ ଚରମ ସାହୁ, ସୁବ୍ରତ କୁମାର ସାହୁ, ମନୋରମା ଓଝା, ଅଞ୍ଜଳି ପରିଡା, କଳା ଶିକ୍ଷକ ମଧୁସୂଦନ ରାଉତ, ସନ୍ତୋଷ ମହାନ୍ତି, ବିଷ୍ଣୁପ୍ରିୟା ଦାଶ, ମଧୁସୂଦନ ରାଉତ ଏବଂ ଯୁବକ ଯୁବତୀ, କମିଟିର ସଦସ୍ୟମାନେ ସହଯୋଗ କରିଥିଲେ।

## ଦେବୀଦୁର୍ଗାଙ୍କ ସିଂହାସନ ଆରୋହଣ ଓ ମନ୍ଦିର ପ୍ରତିଷ୍ଠା ଉତ୍ସବ

**କେନ୍ଦୁଝର, ୧୪।୨(ସମିସ):** ସଦର ବ୍ଲକ ଅନ୍ତର୍ଗତ ଗୋବର୍ଦ୍ଧନ ପଞ୍ଚାୟତ ସେଣ୍ଡକାପ ଗ୍ରାମରେ ସ୍ଥାୟୀ ଭାବେ ପୂଜା ପାଇ ଆସୁଥିବା ଦେବୀ ଦୁର୍ଗାଙ୍କ ନବନିର୍ମିତ ସିଂହାସନ ଆରୋହଣ, ଶ୍ରୀ ଶ୍ରୀ ବ୍ରହ୍ମେଶ୍ୱର ମହେଶ୍ୱଙ୍କ ରୁଦ୍ର ସ୍ଥାପନ ଓ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଇଁ ଶୁକ୍ରବାର ମଧାହ୍ନରେ ମା ଭଉଣୀ ଓ ମହିଳାଙ୍କ ଦ୍ୱାରା କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗୋବର୍ଦ୍ଧନ ଓ ପଦ୍ମପୁର ଗ୍ରାମ ମଧ୍ୟରେ ଥିବା ଅରଡେଇ ନଦୀ କୂଳରେ ପୂଜକ ପ୍ରସନ୍ନ ମହାପାତ୍ର ଓ ତାଙ୍କ ସହକର୍ମୀଙ୍କ ଦ୍ୱାରାପୂଜା ଅର୍ଚ୍ଚନା ପରେ ଗ୍ରାମ ପରିକ୍ରମା କରାଯାଇ ବାବା ଭୋଳାନାଥ ଓ ଦୁର୍ଗତୀନାଶିନୀଙ୍କ ଆସ୍ଥାନରେ ପୂର୍ଣ୍ଣ କଳସ ସ୍ଥାପନ କରାଯାଇଛି। ମୁଖ୍ୟ ଆଚାର୍ଯ୍ୟ ବାରିଧି ନିରଞ୍ଜନ ଦାସ କେନ୍ଦୁଝର ସହକର୍ମୀ ରତିକାନ୍ତ ପତି, ସୌମ୍ୟରଞ୍ଜନ ଦାସ, ବାଲିଆପାଳ ବାଲେଶ୍ୱର, ସୁବାହୁ ଦାସ, ଭକ୍ତ ରଞ୍ଜନ ଦାସ ରହିଥିଲା ବେଳେ ଅନୁଷ୍ଠାନ ତରଫରୁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି। ପ୍ରବଚନ ଓ ସାଂସ୍କୃତିକ କାର୍ଯ୍ୟକ୍ରମମାନ ପ୍ରତେକ ଦିନ ଅନୁଷ୍ଠିତ ହେବା ସହିତ ୧୭ ତାରିଖ ପର୍ଯ୍ୟନ୍ତ ବିଶେଷ ବିଧି ବିଧାନରେ ପୂଜା କାର୍ଯ୍ୟ ଚାଲୁ ରହିବ ବୋଲି ଜଣା ପଡିଛି। କେନ୍ଦୁଝର ସହର ସହ ଆଖପାଖ ଅଞ୍ଚଳ ଏବଂ ଜିଲ୍ଲା ବାହାର ତଥା ପଡ଼ୋଶୀ ରାଜ୍ୟରୁ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳୁଛି।

## ଜମୁଛି ଚତୁର୍ଥ ଓଡ଼ିଶା ଗ୍ରାମ୍ୟ ମେଳା



**କେନ୍ଦୁଝର, ୧୪।୨(ସମିସ):** କେନ୍ଦୁଝର ସହରସ୍ଥିତ କାଳୀପଡିଆଠାରେ ଚତୁର୍ଥ ଓଡିଶା ଗ୍ରାମ୍ୟ ମେଳା ଚାଲିଛି। ଏହା ଫେବୃଆରୀ ୭ ତାରିଖରୁ ଆରମ୍ଭ ହୋଇ ଆସନ୍ତା ୧୮ ତାରିଖରେ ଶେଷ ହେବ। ମହାରାଷ୍ଟ୍ର ପାନିପଥର ବେଡସିଟ, ଝାରଖଣ୍ଡର ବିଭିନ୍ନ ପ୍ରକାର ଜୋତା, ସମ୍ବଲପୁରୀ ଶାଢୀ, ମୁମ୍ବାଇର ମେଟାଲ ଚୁଡି, ଘର ଓ ଗାଡି ସଫା ପାଇଁ ବିଭିନ୍ନ ସାମଗ୍ରୀ, ପଦ୍ମାଳୟା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ବିଭିନ୍ନ ପ୍ରକାର ମସଲ, ଝୁଣା, ରାଜସ୍ଥାନ ଜୟପୁରର ସୋଫା କଭର, ବେଡସିଟ, ଚାଦର, ବିଭିନ୍ନ ପ୍ରକାର ବ୍ୟାଗ୍, ପୁରୀର ସ୍ୱୟଂ ସହାୟକ ଗୋୀ ଦ୍ୱାରା ହାତ ତିଆରି ବ୍ୟାଗ୍, ପାପଛ, ଲକ୍ଷ୍ନୌର ହାତ ତିଆରି କୁର୍ତ୍ତି, ପ୍ଲାଜୋ ପେଣ୍ଟ, ଫ୍ରକ୍ କୁର୍ତ୍ତି, ୟୁପି ମିରଟ୍ ର ଖଦି ବସ୍ତ୍ର ଭଣ୍ଡାର, ଜୟପୁର ହଜମି, ମହାରାଷ୍ଟ୍ରର ନମକିନ୍ ମିକ୍ସର, ଓଡିଶାର ପ୍ରସିଦ୍ଧ ବ୍ରହ୍ମପୁର ଆଚାର, ହ୍ୟାଣ୍ଡଲୁମ୍, ହସ୍ତତନ୍ତ, ହସ୍ତଶିଳ୍ପ, ଘରୋଇ ଉପକରଣ, ବିଦ୍ୟୁତ ସାମଗ୍ରୀ, ଗୃହସ୍ଥି ମସଲା, ଗୋବରରୁ ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ, କେନ୍ଦୁଝରଗଡ ପୌରପାଳିକାର ମୋ ଖତ ଷ୍ଟଲ ଏବଂ ବିଭିନ୍ନ ରାଜ୍ୟରୁ ଆସିଥିବା ଆଂଚଳିକ ପ୍ରସିଦ୍ଧ ଶାଢୀ ପୋଷାକ ଆଦିର ପ୍ରାୟ ୯୦ରୁ ଉର୍ଦ୍ଧ୍ୱ ଷ୍ଟଲ ମାନ ପ୍ରଦର୍ଶିତ ହେଉଛି। ଏକ ଅଟୋ ମୋବାଇଲ ପ୍ରଦର୍ଶନୀ ମଧ ସମସ୍ତଙ୍କୁ ଆକୃଷ୍ଟ କରୁଛି। ଛାତ୍ରଛାତ୍ରୀ ତଥା କେନ୍ଦୁଝରର ବିଭିନ୍ନ କଳାକାରମାନଙ୍କ ଦ୍ୱାରା ପ୍ରତ୍ୟେକ ଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଲୋକେ ମେଳା ମଧ୍ୟକୁ ବୁଲି ଆସିବା ସହିତ ନିଜ ମନ ପସନ୍ଦର ସାମଗ୍ରୀ କିଣିନେବା ନିମନ୍ତେ ମେଳାର ଆବାହକ ସଞ୍ଜୟ କୁମାର ସାହୁ ଅନୁରୋଧ କରିଛନ୍ତି।

## ଠିକାଦାର ଓ ରାଜମିସ୍ତ୍ରି କର୍ମଶାଳା




**ଆନନ୍ଦପୁର, ୧୪।୨ (ସମିସ):** ଆନନ୍ଦପୁର ଉପଖଣ୍ଡର ଠିକାଦାର ଓ ରାଜମିସ୍ତ୍ରିଙ୍କୁ ନେଇ କ୍ରିଷ୍ଣା ପ୍ୟାଲେସଠାରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଏରିଆ ଡାଲମିଆ ସିମେଣ୍ଟ ସେଲସ ମେନେଜର ଶରତ ସ୍ୱାଇଁ, ଜୋନାଲ ଟେକ୍ନିକାଲ ମେନେଜର ରଜନୀକାନ୍ତ ଷଡ଼ଙ୍ଗୀ, ଟେକ୍ନିକାଲ ସେଲସ ଲିଡ ସୂର୍ଯ୍ୟକାନ୍ତ ମିଶ୍ର, ଟେକ୍ନିକାଲ ବିଜିନେସ ଡେଭେଲପମେଣ୍ଟ ଅଫିସର ଇଂ ଜିତପ୍ରକାଶ ରାଜ ଓ ସମସ୍ତ ବିଭାଗୀୟ ଅଧିକାରୀ, ବିଲ୍ଡର ପ୍ରମୁଖ ଯୋଗ ଦେଇଥିଲେ। ଅତିଥିଗଣ ଭାରତ ପ୍ରସିଦ୍ଧ ଡାଲମିଆ ସିମେଣ୍ଟ କମ୍ପାନୀର ୮୬ ବର୍ଷର ଇତିହାସ ଉପରେ ଆଲୋକପାତ କରିଥିଲେ। ଡାଲମିଆ ସିମେଣ୍ଟ କମ୍ପାନୀ ଲୋକଙ୍କ ଚାହିଦା, ସିମେଣ୍ଟ ଗୁଣବତ୍ତା, କାରଖାନାକୁ ଆଧୁନିକୀକରଣ, ପରିବେଶ ଉପରେ ଗୁରୁତ୍ୱ, କର୍ମଚାରୀଙ୍କ ସୁରକ୍ଷା, ସାମାଜିକ ସୁରକ୍ଷା ଉପରେ ଗୁରୁତ୍ୱ ଦିଆ ଯାଉଥିବା କହିଥିଲେ।

# ଗଜସାଥୀ ଅବହେଳିତ; ବର୍ଷସାରା ହାତୀ ଉପଦ୍ରବ

**ଚମ୍ପୁଆ, ୧୪।୨(ସମିସ)**

ବର୍ଷସାରା ହାତୀ ଉପଦ୍ରବ ଲାଗିଛି ଚମ୍ପୁଆ ରେଞ୍ଜରେ। ୨୦୨୨ରୁ ଏଭଳି ସ୍ଥିତି ରହିଆସୁଛି ଏହି ବନାଞ୍ଚଳରେ। ହାତୀ ସୁରକ୍ଷା, ଆଗମନର ସୂଚନା ପାଇଁ ଗଜ ସାଥୀଙ୍କୁ ନିଯୁକ୍ତି କରାଯାଇଛି। ମାତ୍ର ବର୍ଷ ସାରା ହାତୀ ଉପଦ୍ରବ ଲାଗି ରହିଥିବା ବେଳେ ଏମାନଙ୍କ କାର୍ଯ୍ୟକାଳ ୫ ମାସ ମଧ୍ୟରେ ସୀମିତ ରହିଛି।

ସୂଚନା ଅନୁସାରେ, ଚମ୍ପୁଆ, ବାଲିବନ୍ଧ, ଯୋଡା, ବାମେବାରି ଓ ଉଖୁଣ୍ଡାକୁ ମିଶାଇ ୫ଟି ସେକ୍ସନ ଚମ୍ପୁଆ ରେଞ୍ଜ ଅଧୀନରେ ରହିଛି। ଚମ୍ପୁଆ ସେକ୍ସନର ମୁକୁନ୍ଦପୁର, ଜାମୁଦଲକ, ମିରିଗିଶିଙ୍ଗା, ବାଲିବନ୍ଧ ସେକ୍ସନର ଚମକପୁର, ରୁଗୁଡିହି, ରେଭେନ୍ସାପୁର (କ) ଓ (ଖ), ଚିପିଣ୍ଡା, ହରିଡାଗୁଠୁ, ଗୁଗୁଦରି, ଉଖୁଣ୍ଡା ସେକ୍ସନର ନିଶ୍ଚିନ୍ତପୁର, ମଙ୍ଗଳପୁର, ବାଲିବନ୍ଧ ସେକ୍ସନର ବସନ୍ତପୁର, ଜମିରଡିହି, କାଇରାମସାହି, ମହାପର୍ବତ ଡିପିଏଫ୍, ଯୋଡା ସେକ୍ସନର ବନ୍ଧୁଆବେଡା, ଖଣ୍ଡବନ୍ଧ, ତିରିଙ୍ଗପାହାଡ ଆଦି ଅଞ୍ଚଳରେ ବର୍ଷସାରା ହାତୀ ଉପଦ୍ରବ ଲାଗି ରହିଛି। ୨୦୨୪ରେ ୧୦୦ରୁ ଊର୍ଦ୍ଧ୍ୱ ହାତୀଙ୍କ ଆଗମନ ଲାଗି ରହିଥିବା ବେଳେ ବର୍ତ୍ତମାନ ଯୋଡ଼ାରେ ୩୪ଟି ଓ ବାଲିବନ୍ଧରେ ୩୪ଟି ହାତୀ ରହିଛନ୍ତି। ଏହି ହାତୀ ଉପରେ ନଜର ରଖିବା, ହାତୀ ମଣିଷ ଲଢେଇକୁ ପ୍ରଶମିତ କରିବା ପାଇଁ ଗଜସାଥୀଙ୍କୁ ନିଯୁକ୍ତି ଦିଆଯାଇଛି। ଏମାନଙ୍କର ଅକ୍ଟୋବରରୁ ଫେବୃଆରୀ ପର୍ଯ୍ୟନ୍ତ ୫ ମାସ ଧରି କାର୍ଯ୍ୟକାଳ କରିଥିବା ବେଳେ ବର୍ଷର ଅନ୍ୟ ୭ ମାସ ହାତୀ ଉପଦ୍ରବକୁ ସମ୍ଭାଳିବା ପାଇଁ ବନ ବିଭାଗକୁ ନାକେଦମ ହେବାକୁ ପଡୁଛି। ଏହି ଗଜସାଥୀଙ୍କୁ ମାସିକ ୧ ହଜାର ଟଙ୍କା ସହାୟତା ସମେତ ଟି-ସର୍ଟ, ଟର୍ଚ୍ଚ ଓ ବୁଟ୍ ବନ ବିଭାଗରୁ ଯୋଗାଇ ଦିଆଯାଇଥାଏ। ୨୦୨୪ରେ ହାତୀପଲ ଦ୍ୱାରା ୧୫୫ ଜଣ ଲୋକଙ୍କର ଘର ଭାଙ୍ଗିଥିଲା। ୬ ଜଣଙ୍କର ଜୀବନ ହାନି ସହ ୪ ଗୁରୁତର ଆହାତ ହୋଇଥିଲେ। ଏପରିକି ୫୧୫ ଜଣ ଲୋକଙ୍କ ଏକର ଏକର ଚାଷ ନଷ୍ଟ



ହୋଇଥିଲା। ରାଜ୍ୟ ସରକାର ପୂର୍ବରୁ ଥିବା ସହାୟତା ରାଶି ବୃଦ୍ଧି କରି ଆଂଶିକ ଘର ଭଙ୍ଗା ପାଇଁ ୨ ହଜାରରୁ ୧୦ ହଜାର ଅଧିକ କ୍ଷତିଗ୍ରସ୍ତ ଘର ଭଙ୍ଗା ପାଇଁ ୧୦ ରୁ ୨୦ ହଜାର ଟଙ୍କା ଫସଲ ନଷ୍ଟ ପାଇଁ ପୂର୍ବରୁ ଏକର ପିଛା ୧୦ ହଜାର ରହିଥିବା ବେଳେ ବର୍ତ୍ତମାନ ତାହା ୨୦ ହଜାର ଟଙ୍କା, ଜୀବନ ହାନି ହେଲେ ୪ ଲକ୍ଷ ରୁ ୬ ଲକ୍ଷ ଟଙ୍କା ପନିପରିବା କ୍ଷତିଗ୍ରସ୍ତ ଚାଷିଙ୍କୁ ଏକର ପିଛା ୧୨ ହଜାର ଟଙ୍କାରୁ ୨୫ ହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ମାତ୍ର ଗଜସାଥୀଙ୍କ ୫ ମାସ କାର୍ଯ୍ୟକାଳ ବୃଦ୍ଧି ନହେଲେ ବର୍ଷସାରା ଲାଗି ରହିଥିବା ହାତୀ ଉପଦ୍ରବକୁ କିପରି ପ୍ରଶମିତ କରାଯାଇପାରିବ ତାହା ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୁଣି କମ ପ୍ରାପ୍ୟରେ ଏହି କର୍ମଚାରୀମାନେ ଅବହେଳିତ ଅବସ୍ଥାରେ ଜୀବନଯାପନ କରୁଛନ୍ତି। ଜୀବନକୁ ବାଜି ଲଗାଇ ହାତୀ ସୁରକ୍ଷା କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଏହି କର୍ମଚାରୀଙ୍କୁ ଉଚିତ ସହାୟତା ମିଳୁ ନଥିବାରୁ ଲକ୍ଷ୍ୟ ହାସଲ ହେବାରେ ପ୍ରତିକୂଳ ପରିସ୍ଥିତି ସୃଷ୍ଟି ହେଉଛି। କାର୍ଯ୍ୟକାଳ ବୃଦ୍ଧି କରା ନଗଲେ ଭବିଷ୍ୟତରେ ହାତୀ ଉପଦ୍ରବ ଓ ହାତୀ ମଣିଷର ଲଢେଇକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଚମ୍ପୁଆ ବନାଞ୍ଚଳ ଅଧିକାରୀ ଅକ୍ଷୟ ଛତ୍ରିଆ କହିଛନ୍ତି ଯେ ବର୍ତ୍ତମାନ ଯୋଡ଼ାରେ ୧୬ ଜଣ, ବାଲିବନ୍ଧରେ ୧୮ ଜଣ, ଚମ୍ପୁଆରେ ୧୬ ଜଣ ଗଜସାଥୀ କାର୍ଯ୍ୟ କରୁଛନ୍ତି। ସରକାର ଗଜସାଥୀଙ୍କୁ ୫ ମାସିଆ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ସେହି ଅନୁଯାୟୀ କାର୍ଯ୍ୟ କରାଯାଉଛି।

## ବିରିଡିହା ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ



**ଆନନ୍ଦପୁର, ୧୪।୨ ସମିସ):** ଆନନ୍ଦପୁର ବ୍ଲକ ଅନ୍ତର୍ଗତ ବିରିଡିହା ଏସଏନ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ଅଷ୍ଟମ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ବେହେରାଙ୍କ ସଂଯୋଜନାରେ ମୁଖ୍ୟଅତିଥି ଭାବେ ଆନନ୍ଦପୁର ପୂର୍ବତନ ଗୋଷ୍ଠୀ ଶିକ୍ଷାଧିକାରୀ ଶରତଚନ୍ଦ୍ର ରାଉତ, ମୁଖ୍ୟବକ୍ତା ତକ୍ଷଶିଳା ଅନ୍ତର୍ଜାତୀୟ ଇଂରାଜୀ ବିଦ୍ୟାଳୟର ଅଧକ୍ଷ ଆକାଶ ରଥ, ସମ୍ମାନିତ ଅତିଥି ଆନନ୍ଦପୁର ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ହେମେନ୍ଦ୍ରନାଥ ମହାନ୍ତି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କଣ୍ଟିପାଳ ଉଚ୍ଚବିଦ୍ୟାଳୟର ଦାମୋଦର ସାହୁ, ବିଦ୍ୟାଳୟର ସଭାପତି ମଳୟ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ବାର୍ଷିକ କ୍ରୀଡ଼ା ତଥା ବିଭିନ୍ନ କ୍ଷେତ୍ରରେ ପାରଦର୍ଶୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

